
RNI No. : ODIODI/2015/64435
P.R. No. : CK(C)/96/2016-2018
www.pracheenews.com



ବାସ୍ତବତାର୍ ପରିପ୍ରକାଶ


# ପ୍ରାଚୀ

# PRACHEE

ସେପ୍ଟେମ୍ବର ୨୦୨୧

ମୂଲ୍ୟ : ୨୫ ଟଙ୍କା





**ମୁଖ୍ୟ ଉପଦେଷ୍ଟା**
**କବି ଜୟନ୍ତ ମହାପାତ୍ର**



***ପ୍ରାଚୀ ପତ୍ରିକାର ସମସ୍ତ ଲାଭାଂଶ ବିଶ୍ୱ କଲ୍ୟାଣରେ ଖର୍ଚ୍ଚ କରାଯିବ***

**ବାସ୍ତବତାର ପରିପ୍ରକାଶ**

# ପ୍ରାଚୀ



**ସମ୍ପାଦକ :**
**ଡ. ବିଭୁଦତ୍ତ ଖଣ୍ଡାୟତରାୟ**

**ଜୀ**ବନର ପରିଭାଷା ହେଉଛି ସାହିତ୍ୟ, ସୃଜନଶୀଳତା ଓ ବାସ୍ତବତା ନଥିଲେ ସାହିତ୍ୟ ବା ସଂସ୍କୃତି ଉତ୍କର୍ଷ ଲାଭ କରିପାରେନା । ସାହିତ୍ୟର କ୍ରମ ବିବର୍ତ୍ତନ ଅଛି । ଏହି ବିବର୍ତ୍ତନ ଜୀବନର ପରିବର୍ତ୍ତନ ସହିତ ସଂଶ୍ଳିଷ୍ଟ । ସାହିତ୍ୟକୁ ବୁଝିବାକୁ ହେଲେ ଆବଶ୍ୟକତା ପଡେ ପ୍ରୟାସର । ପ୍ରୟାସ ହେଉଛି ଜାଣିବାର ବୁଝିବାର ପ୍ରକୃଷ୍ଟ ମାଧ୍ୟମ । ସ୍ୱତଃସ୍ଫୁର୍ତ୍ତଭାବେ ମନଗହନରୁ ଭାସିଆସି ଲୋକମନକୁ ରଂଜିତ କରିପାରିଲେ ସାହିତ୍ୟ ସାର୍ଥକତା ପାଇଥାଏ । ସାହିତ୍ୟ ହେଉଛି ସମୁଦ୍ରପରି ଅପରିସୀମ ଓ ପରିବ୍ୟାପ୍ତ । ବିଭିନ୍ନ ରତ୍ନରେ ରତ୍ନଗର୍ଭା ମହାରଣ୍ୟ ପରି ସେ ଗଳ୍ପ, କବିତା, ନାଟକ, ପ୍ରବନ୍ଧ ରୂପକ ବୃକ୍ଷରାଜିରେ ପରିପୂର୍ଣ୍ଣ । ସ୍ରଷ୍ଟାର ଭାବ ଓ ଚେତନା ଉଭୟ ନିବିଡ ଭାବରେ ଛନ୍ଦାଛନ୍ଦି ହୋଇ ରହିଥାନ୍ତି । ଉଭୟ ଜଗତରୁ ଉପାଦାନ ସଂଗ୍ରହ କରାଯାଏ । ଯାହାକେବଳ ଭୌତିକ ଜଗତରୁ ସଂଗ୍ରହ କରାଯାଇ ପାରେନା । ତା'ର ସୃଷ୍ଟି ସମୁଦ୍ରର ଢେଉଭଳି ଶତଛନ୍ଦ ଭରା ଜହ୍ନଆ ଆକାଶ ଭଳି ସ୍ନିଗ୍ଧ ଓ ପ୍ରାଞ୍ଜଳ । ଛାଇ ଯେପରି ବସ୍ତୁର ସ୍ଥିତିକୁ ସୂଚାଇ ଦିଏ, ସ୍ରଷ୍ଟାର ସୃଷ୍ଟି ସୂଚାଇ ଦିଏ ସମାଜର ବ୍ୟକ୍ତିର ମନ ଆଉ ଭାବନାର ସ୍ଥିତିକୁ । କେହି କେବେ ଜନ୍ମରୁ ସ୍ରଷ୍ଟା ହୋଇନଥାଏ । ସାଧନା ଓ ପ୍ରୟାସର ମହାମିଳନରେ ଜଣେ ସ୍ରଷ୍ଟା ସଫଳରୂପାୟିତ ହୋଇଥାଏ । ସୃଜନଶୀଳତାର ଦ୍ୱିତଳ ପ୍ରାସାଦରେ ନିଜକୁ ହଜାଇ ସ୍ରଷ୍ଟା ସମାଜକୁ, ଦେଇଥାଏ ନୂତନ ସାହିତ୍ୟ, ଜୀବନର ସତ୍ୟ ଓ ବାସ୍ତବତାକୁ ସାହିତ୍ୟ କେବଳ ପ୍ରକାଶ କରେ ନାହିଁ, ଅଧିକନ୍ତୁ ଜୀବନକୁ ସତ୍ୟାଶ୍ରୟୀ ଓ ବାସ୍ତବ ବାଦୀ ହେବାକୁ ଶିକ୍ଷାଦିଏ ।

ମଣିଷର ହୃଦୟ ପ୍ରେମର ହୃଦୟ । ଯେତେବେଳେ ମାନବର ପ୍ରାଣସିନ୍ଧୁରେ ସୃଷ୍ଟିହୁଏ ସେବାର କଲ୍ଲୋଳ, ସେତେବେଳେ ମାନବର ହୃଦୟ ହୋଇଯାଏ ପ୍ରସାରିତ । ବିଶ୍ୱପ୍ରେମର ମନ୍ତ୍ରରେ ସେ ହୋଇଯାଏ ଅଭିମନ୍ତ୍ରିତ । ଭୁଲିଯାଏ ନିଜ ଜୀବନର ମାୟା ଓ ମମତା । ଦୀନ, ଦୁଃଖୀ, ରଙ୍କୀ, ଦଳିତ ନିଷ୍ପେସିତ ଆର୍ତ୍ତଚିତ୍କାର ତା'ର ବ୍ୟଥାବିଦ୍ଧ ପ୍ରାଣରେ ସୃଷ୍ଟିକରେ ସେବାର କଲ୍ଲୋଳ । ମାନବ ହେଉଛି ଭଗବାନଙ୍କର ଅମୂଲ୍ୟ ସୃଷ୍ଟି । ପ୍ରକୃତିକୁ ଉପଭୋଗ କରିବାକୁ ସ୍ରଷ୍ଟା ସୃଷ୍ଟି କଲେ ମାନବ । ମାତ୍ର ନିଜର ସୁଖ ସୁବିଧା ନିମିତ୍ତ ମାନବ ପ୍ରକୃତିକୁ ଧ୍ୱସ୍ତବିଧ୍ୱସ୍ତ କଲା । ପ୍ରକୃତି ଏବେ ବିନାଶର ଦ୍ୱାରରେ । ଏହି ମାନବ ଓ ପ୍ରକୃତିର ରକ୍ଷା ନିମିତ୍ତ ଆମର ସଂସ୍ଥା ସଂକଳ୍ପ ବଦ୍ଧ ।

ଅନନ୍ତ ସମୟର ଉତ୍‌ଥାନ ପତନ ସହ ଜଡିତ ଆମ ପତ୍ରିକା **'ପ୍ରାଚୀ'** ର ସପ୍ତମ ବର୍ଷର ଷଷ୍ଠ ଅର୍ଘ୍ୟ ପ୍ରକାଶ ପାଇବାକୁ ଯାଉଛି । ପ୍ରାଚୀର ଅର୍ଥ ପୂର୍ବଦିଗ । ପୂର୍ବଦିଗର ଉଦିତ ସୂର୍ଯ୍ୟ ପରି **'ପ୍ରାଚୀ'** ଓଡ଼ିଆ ଭାଷା ସାହିତ୍ୟ ଆକାଶରେ ସୂର୍ଯ୍ୟ ରୂପେ ପ୍ରତିଭାତ ହେଉ ଏହାହିଁ ଆଶା ।

ନିଜର ବଳିଷ୍ଠ ଲେଖନୀ ମାଧ୍ୟମରେ ଓଡ଼ିଶାର ବାଣୀଭଣ୍ଡାର ବୀଣାକୁ ଝଂକୃତ କରିଥିବା କିଛି ସ୍ରଷ୍ଟାଙ୍କ ବୁଦ୍ଧିମନ୍ତ ସୃଷ୍ଟିକୁ ନେଇ **'ପ୍ରାଚୀ'**ର ଜନ୍ମ, ବାଗ୍ ଭୂଷଣରେ ଭୂଷିତ ଏହି ଶବ୍ଦ ସମ୍ରାଟମାନେ ଏକ ନୂତନ ଯୁଗର ଆହ୍ୱାନରେ ଶଙ୍ଖ ଶଙ୍ଖର ଧ୍ୱନି ନାଦ କରିଛନ୍ତି ।

ସମଗ୍ର ଓଡ଼ିଶାବାସୀ ଭାଇ ଓ ଭଉଣୀମାନଙ୍କର ଶୁଭେଚ୍ଛା ଓ ଶୁଭକାମନାକୁ ନେଇ **'ପ୍ରାଚୀ'** ସାରା ଓଡ଼ିଶାରେ ପାଠକୀୟ ଆଦୃତି ଲାଭକରିବ ବୋଲି ଆଶା ।

**ସଂପାଦକ**

# ଓ 'ପ୍ରାଚୀ'ର କଲମ ଋ

ପ୍ରାଚୀ ଏକ ସଂସ୍କୃତି ଓ ସଂସ୍କାର । ଏହା ଏକ ପ୍ରବାହ ଓ ପରିବର୍ତ୍ତନର ମୂଳ ଉତ୍ସ । ପ୍ରାଚୀ ସମାଜର ଭାବବିନ୍ଦୁ । ଏହା ଏକ ଅନ୍ତଃସ୍ରୋତା ଫଲ୍‌ଗୁ । ପ୍ରାଚୀ ସୃଷ୍ଟିର ଜୀବନୀ ଶକ୍ତିକୁ ଯୁଗେ ଯୁଗେ ସଞ୍ଜୀବିତ କରିଆସିଛି । ଏହା ଜନନୀ ରୂପେ କଲ୍ୟାଣମୟୀ, ମମତାମୟୀ ପୁଣି କରୁଣା , ଆଶୀର୍ବାଦ, ତ୍ୟାଗର କଲ୍ୟାଣମୟ ଅଭିବ୍ୟକ୍ତି । ପ୍ରାଚୀ ଏକ ସୁନ୍ଦର, କୋମଳ, ସରଳ, ପବିତ୍ର, ଶାନ୍ତ, ଧୀର, ସ୍ଥିର, ଭଦ୍ର, ନମ୍ର ଓ ଚିତ୍ତଆହ୍ଲାଦଦାୟୀ ନାମଟିଏ । ଏହା ଏକ ଚିନ୍ମୟ ସତ୍ତା । ଏହା ପ୍ରାଚ୍ୟ ସଂସ୍କୃତିର ଅତିହ୍ୟ ବିମଣ୍ଡିତ ବାଙ୍ମୟ । ଏହା ଜୀବନ୍ତ ଓ ଜୀବନଦାୟୀ ଜୀବନବୋଧ । ପ୍ରାଚୀର ପରମ ଓ ଚରମ ସାର୍ଥକତା ହେଉଛି ଆଦର୍ଶ ଓ ସମାଜର କଲ୍ୟାଣ ସାଧନ । ପ୍ରାଚୀର ଏକ ଲୋଭନୀୟ, କମନୀୟ ଓ ମଧୁର ରୂପ ପ୍ରକଟିତ ହୁଏ ତା'ର ସ୍ୱର୍ଗୀୟ ପ୍ରେମରେ । ତା'ର ପ୍ରେମ ଓ ମମତାରେ ସାମାଜିକ ଜୀବନ ଭଗବତ୍ ଆଶୀର୍ବାଦ ଯୁକ୍ତ । ସେ ପୁଣି ସ୍ନେହମୟୀ ଓ ସମାଜର ହୃତ୍‌ପିଣ୍ଡ । ଆମ ସମାଜ ଓ ସଭ୍ୟତାର ଆଦ୍ୟ ଉନ୍ମେଷ କାଳରୁ ପ୍ରାଚୀର ରହିଛି ଗୁରୁତ୍ୱପୂର୍ଣ୍ଣ ଭୂମିକା । ସମାଜରୁ କୁସଂସ୍କାରକୁ ଦୂରକରି ସମାଜର କଲ୍ୟାଣ କରିବା ପ୍ରାଚୀର ଧର୍ମ । ତେଣୁ 'ପ୍ରାଚୀ' ର ସୃଷ୍ଟି ସମାଜରେ ଅବହେଳିତମାନଙ୍କ ପାଇଁ ସ୍ୱର ଉତ୍ତଳନ କରିବା । ପ୍ରାଚୀ ପତ୍ରିକାଟି କଥା କହିପାରୁନଥିବା ମାନବ ଓ ମାନବୋତରମାନଙ୍କ ପାଇଁ ଏକ ଆଶାର କିରଣ ସୃଷ୍ଟି କରିବ, ଏଥିରେ ସନ୍ଦେହ ନାହିଁ । ବାସ୍ତବତାକୁ ଗଳ୍ପ ଆକାରରେ ପରିପ୍ରକାଶ କରିବା ଆମର ମୂଳ ଲକ୍ଷ୍ୟ । ଗୋଟିଏ ବାସ୍ତବ ଚରିତ୍ରର ହୃଦୟ ଆବେଗକୁ ନେଇ ସମାଜରେ ସଚେତନତା ସୃଷ୍ଟି କରି ସମାଜକୁ ସୁସ୍ଥ, ସବଳ କରିବାର ଲକ୍ଷ୍ୟନେଇ ପ୍ରାଚୀ ଆଗେଇ ଚାଲିଛି । ପ୍ରାଚୀର ଆତ୍ମାରେ ୧ ୨ଟି ସମ୍ବେଦନଶୀଳ ହୃଦୟୋଚ୍ଛ୍ୱାସ ରହିଛି ।

- ମୁଁ ଗାଁ ମୁଣ୍ଡ ବୁଢ଼ା ବରଗଛ କହୁଛି । ମୁଁ ଜନ୍ମରୁ ମଣିଷର ସେବାରେ ଅଛି । କିନ୍ତୁ ଆଜି ମନୁଷ୍ୟ ତା'ର ସୁବିଧା ପାଇଁ ମୋ ବାର୍ଦ୍ଧକ୍ୟରେ ମୋ ସାଙ୍ଗରେ ନରହି, ମତେ କାଟି ତାର ଗର୍ବକୁ ଚରିତାର୍ଥ କରୁଛି । ........
- ମୁଁ ଲତାଟିଏ ହେଲେ ବି, ମୋ ପତ୍ରରେ ଥିବା ଗୁଣରେ ଅନେକ ଉପକୃତ ହୋଇଥାନ୍ତି ଏବଂ ମୋ ଫଳକୁ ଖାଦ୍ୟ ରୂପେ ବ୍ୟବହାର କରାଯାଏ କିନ୍ତୁ ଆଜି ମୁଁ ଅବହେଳିତ କାରଣ, ମତେ ବଞ୍ଚିରହିବା ପାଇଁ .........
- ମୁଁ ମହାନଦୀ, ମୋ ବକ୍ଷରେ ଅନେକ ପରିମାଣରେ ଜଳ ଅଛି । ସୃଷ୍ଟିର ଆରମ୍ଭରେ ଜଳର ଆବଶ୍ୟକତା ରହି ଆସିଛି । ମୋ ଜଳରେ ସଂସାରର ଆରମ୍ଭ ହେଇଥାଏ କିନ୍ତୁ ସେ ଜଳକୁ ବିଷାକ୍ତ କରି .........
- ମୁଁ ମଳୟ ପବନ କହୁଛି । ସକାଳୁ ସକାଳୁ ମୋର ପ୍ରବାହରେ ପୃଥିବୀ ଉପରେ ଶାନ୍ତି ପ୍ରତିଷ୍ଠା ହେଇଥାଏ ।
  କିନ୍ତୁ ପ୍ରଦୂଷଣ ଆଜି ମତେ ..........
- ମୁଁ ବୁଢ଼ା ବଳଦ କହୁଛି, ଆମ ପରିବାରର ପୀଢ଼ି ପରେ ପୀଢ଼ି ମଣିଷ ସେବାରେ ଲାଗିଥାନ୍ତି । ମୋ ପରି ଅନେକ ଜୀବଜନ୍ତୁ ଏହି ଦୁନିଆରେ ଅଛନ୍ତି । ସେମାନେ ପ୍ରକୃତିରେ ସ୍ଥିରତା ରକ୍ଷା କରିଥାନ୍ତି କିନ୍ତୁ ଦିନକୁ ଦିନ ବହୁତ ଜୀବ ପ୍ରାୟ ବିଲୁପ୍ତ, ବୁଝି ପାରେନା.......
- ମୁଁ ଗୋଟିଏ ଟିକି ଚଢ଼େଇ, ସକାଳୁ, ସକାଳୁ ମୋ ଚେଁ ଚେଁ ଶବ୍ଦରେ ପ୍ରକୃତି ମାତା ଆଖି ଖୋଲିଥାଏ । ଆଜି ପରିବେଶ ପ୍ରଦୂଷଣ ପାଇଁ ଆମ ଜାତିର ଅନେକ ପକ୍ଷୀ ପ୍ରାୟ ବିଲୁପ୍ତ, ଏଥିପାଇଁ ଦାୟୀ କିଏ ? ମୋ ଛୋଟ ମୁଣ୍ଡରେ ଏହାର କଳନା କରିପାରେନା ...... ....
- ମୁଁ ମନି ପୋଇଲି । ମୁଁ ଗୋଟିଏ ମଣିଷ, ମୋର ଗୋଟିଏ ନାଁ ଅଛି କିନ୍ତୁ, ମୋ ନାଁ ପରେ ମୋ ସାଙ୍ଗିଆ ପୋଇଲି ଡକା ହୁଏ । ପେଟ ପାଇଁ କାମକରେ କିନ୍ତୁ ବୁଝି ପାରେନା, ଏତେ କାମ କରିସାରିଲା ପରେ ମଧ୍ୟ ମୋ ଉପରେ ଅତ୍ୟାଚାର ହୁଏ କାହିଁକି ...........
- ମୋ ନାମ ମକରା ପାଗଳ । 'ପାଗଳ' ଶବ୍ଦଟି ମୋର ପିତୃଦତ୍ତ ନୁହେଁ, ସମାଜ ମତେ କାହିଁକି କେଜାଣି ଏହି ପାଗଳ ଶବ୍ଦଟି ଲଦି ଦେଇ ମତେ ଅଣନିଃଶ୍ୱାସୀ କରିଦେଉଛି । ମୁଁ ଜାଣେନା .........
- ମୁଁ ଛୋଟା ହେଲେ ମଧ୍ୟ ମୁଁ ତ ମୋର ସବୁକାମ ଠିକ୍ ଠିକ୍ କରୁଛି । ତା ହେଲେ, ମତେ ସମାଜର ଗୋଡ଼ଥିବା ଲୋକମାନେ କାହିଁକି ନ୍ୟୂନ ଦୃଷ୍ଟିରେ ଦେଖନ୍ତି, ଏହାର କାରଣ କ'ଣ ହୋଇ ........
- ବିଧାତାର ବିଧାନ ସ୍ୱାମୀ ଚାଲିଗଲା, ମୁଁ ବିଧବା ହେଲି, ଏଥିପାଇଁ ମୁଁ ହେଲି ଦାୟୀ, ସମାଜରେ ମୁଁ ଡାହାଣୀ, ଘରେ ବାହାରେ ଖାଲି ଛି, ଛି, ଆଉ କେତେ ଦିନ ........
- ମୁଁ ପରା ଚୁଇଁ, ଆମ ବାବୁଘରେ ସମସ୍ତଙ୍କର ଆପଣାର, ଟିକେ ଭୁଲ୍ କଲେ , କଥା ବଡ ହୁଏ । ଛୋଟ ଠାରୁ ବଡ଼ ପର୍ଯ୍ୟନ୍ତ ସମସ୍ତେ ପଚାରନ୍ତି ଏବଂ କୈଫତ୍ ମାଗନ୍ତି, ଟିକେ ଭୁଲ ପାଇଁ ଏତେ କଥା ........
- ମୁଁ ଦିନହୀନ ଗୋବିନ୍ଦ, ମୋର ଦାଣ୍ଡରୁ ଆଣିଲେ ହାଣ୍ଡିରେ ପଡ଼େ । ମାଗିବା ବ୍ୟତୀତ ମୋର ଅନ୍ୟଉପାୟ ନାହିଁ । ଘରେ ପୁଣି ରୋଗିଣା ମା', ଅନ୍ୟଲୋକଙ୍କର ବଳକା ଖାଇ ଖାଇ ମୋ ପେଟ ଚାଖଣ୍ଡଟା ପୂରଣ କରିଥାଏ । ସେଥିପାଇଁ ମତେ ସମସ୍ତେ ହାଁଉଆ ବୋଲି ଡାକି ଥାନ୍ତି । ଭାରି ଇଛା ହୁଏ ପେଟଭରି ଖିରି, ଆରିଶା ଖାଇବା ପାଇଁ ଅପେକ୍ଷାକରେ ସମୟକୁ, ସମୟ ଆସିବ ......

ବାସ୍ତବତାର ପରିପ୍ରକାଶ

# ପ୍ରାଚୀ

Vol.- 7, September 2021, Issue No. VI
RNI No. : ODIODI/2015/64435
P.R. No. : CK(C)/96/2016-2018

**ପ୍ରାଚୀ ପରିବାର :**

ଉପଦେଷ୍ଟା :
**କୃଷ୍ଣ ପ୍ରସାଦ ଦାସ**

ସମ୍ପାଦକ :
**ଡ. ବିଭୁଦତ୍ତ ଖଣ୍ଡାୟତରାୟ**

ସମ୍ପାଦନା ସହଯୋଗୀ :
**ପ୍ରାଚୀ ପ୍ରଯୁକ୍ତା**

କାର୍ଯ୍ୟନିର୍ବାହୀ ସଂପାଦକ:
**ଡ. ସୁମନ୍ତ ସାଇଁ**

ପରିଚାଳକ ସଂପାଦକ:
**ଡ. ଦିପକ କୁମାର ଦାଶ**

ସହ ସମ୍ପାଦକ :
**ଡ. ନାରାୟଣ ମହାନ୍ତି**
**ଡ. ଅଞ୍ଜୁମନ ଆରା**
**ଡ. ଆଲୋକ କୁମାର ବରାଳ**
**ଡ. ଆର୍ଯ୍ୟ କୁମାର ହର୍ଷବର୍ଦ୍ଧନ**
**ଡ. ଜ୍ଞାନୀ ଦେବାଶିଷ ମିଶ୍ର**
**ଡ. ନେତାଜୀ ଅଭିନନ୍ଦନ**
**ଡ. ନିରୋଦ କୁମାର ମନ୍ତ୍ରୀ**

ଉପସ୍ଥାପନା :
**ମମତା ଖଣ୍ଡାୟତରାୟ**

ଡିଟିପି :
**ପ୍ରଶାନ୍ତି ସାଇଁ**

ପ୍ରଚ୍ଛଦ ଓ ଅକ୍ଷରସଜ୍ଜା :
**ବିଭୁପ୍ରସାଦ ନାୟକ**

ଅଳଙ୍କରଣ :
**ବିଜୟ କୁମାର ସାହୁ**

ବିଜ୍ଞାପନ ଅଧିକାରୀ :
**ଅବିନାଶ ଦାଶ**

ବିତରଣ ଅଧିକାରୀ :
**ରାଜେନ୍ଦ୍ର ବାରିକ**

ମୁଦ୍ରଣ :
**ଲକ୍ଷ୍ମୀ ଅଫ୍‌ସେଟ୍ ପ୍ରେସ୍**
ନୂଆବଜାର, କଟକ - ୪

**Niladri Vihar, Cuttack - 4**
**E-mail :**
**pracheepatrika@rediffmail.com**
**Web Site :**
**www.pracheenews.com**

## ଏଇ ସଂଖ୍ୟାରେ...

**ଫକୀରମୋହନ ଓ ପ୍ରେମଚନ୍ଦଙ୍କ ସାହିତ୍ୟରେ ନାରୀ**
– ଡ. ଅର୍ଚ୍ଚନା ନାୟକ ୦୭

**ସଂଶୟ**
– ଶକୁନ୍ତଳା ବଳିଆର ସିଂହ ୧୩

**ନାରୀଶକ୍ତି ଓ ଏହାର ରୂପରେଖ**
– ଆକାଶ କୁମାର ଭୋଳ ୧୭

**ଶିକ୍ଷା ପରିସରରେ ଆଦିବାସୀ**
– ଡ. ରୁଦ୍ରାଣୀ ମହାନ୍ତି ୨୦

**ତୋଫାନୀ**
– ଲୋପାମୁଦ୍ରା ଜେନା ୨୩

**'ଆଦି ଶ୍ରୀକ୍ଷେତ୍ର' ତେନ୍ତୁଳିଖୁଣ୍ଟି ଓ ବିଶ୍ୱାବସୁ ତ୍ରୀଲୋଚନ ଭୋଇ**
– ଡା. ବନୋଜ କୁମାର ରାୟ ୨୫

**ପୂର୍ବ ଜନ୍ମ**
– ସରୋଜ ବଳ ୩୦

**ପାପ**
– ଡ଼. ଅମିୟ ରଞ୍ଜନ ମହାପାତ୍ର ୩୦

**PRACHEE MONTHLY ADVT. TARIFF**

**Back Cover (Colour)**
Rs. 20,000/-

**2nd Inner Cover (Colour)**
Rs. 10,000/-

**3rd Inner Cover (Colour)**
Rs. 10,000/-

**Ordinary Colour Page**
Rs. 5000/-

**Black & White (News Print)**
Full Page : Rs. 3,000/-
Half Page : Rs. 1500/-
Quarter page:Rs. 500/-

***For Space booking please contact The Advertising Manager***
Niladri Vihar, Naya Bazar, Cuttack - 4
Mobile / Whatsapp : 8895707011

# ପ୍ରାଚୀର ନିୟମାବଳୀ

- "ପ୍ରାଚୀ" ଏକ ମାସିକ ଗଳ୍ପ ପତ୍ରିକା । ଏହି ପତ୍ରିକାରେ ବାସ୍ତବ ଚରିତ୍ରକୁ ନେଇ ଗଳ୍ପ ମାଧ୍ୟମରେ ପରିପ୍ରକାଶ କରାଯାଇଥାଏ । ସମାଜର ଦଳିତ ଓ ଅବହେଳିତମାନଙ୍କ ପାଇଁ ସ୍ୱର ଉଠେଇବା ଏହି ପତ୍ରିକାଟିର ଲକ୍ଷ୍ୟ । ଏହି ପତ୍ରିକାଟିରେ କେବଳ ମାତ୍ର ଗଳ୍ପ ପ୍ରକାଶ କରାଯାଇଥାଏ ।
- ପ୍ରାଚୀ ନୂତନ ଲେଖକ ଲେଖିକାମାନଙ୍କୁ ଅଗ୍ରାଧୀକାର ଦେଇଥାଏ । ଲେଖାରେ ଯଦି ସମାଜ ପ୍ରତି କୌଣସି ବାର୍ତ୍ତାଥାଏ ତାହା ଏଥିରେ ପ୍ରକାଶ ପାଇବ । ଲେଖକଲେଖିକାମାନେ 'ପ୍ରାଚୀ'ରେ ପ୍ରକାଶ ପାଇଁ ସେମାନଙ୍କ ହାତଲେଖା ବା କମ୍ପ୍ୟୁଟର ପ୍ରସ୍ତୁତ ପାଣ୍ଡୁଲିପି ପଠାଇବେ ।
- ଲେଖାଟି କୌଣସି ଆକ୍ଷେପ ମୂଳକ ଏବଂ ଉଦ୍ଦେଶ୍ୟ ପ୍ରଣୋଦିତ ନହେବା ଆବଶ୍ୟକ । ଲେଖାଟି ପ୍ରକାଶ କରିବା ସମ୍ପାଦନା ମଣ୍ଡଳୀ ଉପରେ ନିର୍ଭର କରିଥାଏ । ଲେଖାଟି ପ୍ରକାଶ ପାଇବା ପରେ ଡାକ ଯୋଗେ ଲେଖକ ଲେଖିକାଙ୍କୁ ଜଣାଇ ଦିଆଯିବ ।
- ପ୍ରାଚୀକୁ ପଠାଇଥିବା ଲେଖାଗୁଡ଼ିକୁ ଫେରାଇବାର କୌଣସି ସୁବିଧା ନାହିଁ । ତେଣୁ ଲେଖକ ଲେଖିକାମାନେ ନିଜର ପାଖରେ ନିଜ ପାଣ୍ଡୁଲିପିର ନକଲଟିଏ ରଖିବା ଆବଶ୍ୟକ । ଲେଖକ ଲେଖିକାମାନେ ନିଜ ଲେଖା ସହ ଗୋଟିଏ ରଙ୍ଗିନ୍ ପାସ୍‌ପୋର୍ଟ ଫଟୋ ପଠାଇବାକୁ ଅନୁରୋଧ ଏବଂ ଏକମାସ ପୂର୍ବରୁ ଲେଖାଟି ପହଞ୍ଚିବା ଜରୁରୀ । ଏହି ପତ୍ରିକାଟି ସମାଜର ନିସ୍ପେଷିତ ଚରିତ୍ରମାନଙ୍କର କାହାଣୀକୁ ନେଇ ଗଢ଼ିଉଠୁଥିବାରୁ ଆପଣଙ୍କ ଲେଖାଟି ସେମାନଙ୍କ ପାଇଁ ଉତ୍ସର୍ଗୀକୃତ କରାନ୍ତୁ ।
- କୌଣସି ଲେଖା ସମ୍ପର୍କରେ ଅନୁସନ୍ଧାନ ଡାକ ଯୋଗେ ଯୋଗାଯୋଗ କରାଯିବ । ପ୍ରାଚୀ ପାଇଁ ପଠାଉଥିବା ଲେଖା ଗୁଡ଼ିକ ଏଇ ଠିକଣାରେ ପଠାଇବେ, ସମ୍ପାଦକ, ପ୍ରାଚୀ, ନିଳାଦ୍ରୀ ବିହାର, ନୂଆବଜାର, କଟକ, ଓଡ଼ିଶା, ପିନ୍-୭୫୩୦୦୪ କିମ୍ବା ପାଠକ ପାଠିକାମାନେ pracheepatrika@rediffmail.com ଯୋଗେ ସମ୍ପର୍କ ସ୍ଥାପନ କରିପାରିବେ ।

**ଆପଣ "ପ୍ରାଚୀ" ପତ୍ରିକାର ବାର୍ଷିକ ଗ୍ରାହକ ହେବାକୁ ଚାହୁଁଛନ୍ତି !!!**

**କୁପନ୍‌ଟିକୁ କାଟି ଆମ୍ଭ ନିକଟକୁ ପଠାନ୍ତୁ**

ଶ୍ରୀମତୀ/ଶ୍ରୀ ..........................................................................................

ଠିକଣା ........................................................ ପିନ୍‌କୋର୍ଡ୍ .................................

ମୋବାଇଲ୍ ନମ୍ବର ........................................ ଇ-ମେଲ୍ ..........................................

**ଏଥିସହିତ ମୁଁ ୨୫୦ଟଙ୍କା ପଠାଉଛି । (ବ୍ୟାଙ୍କ୍ ଡ୍ରାଫ୍ଟ)**

ଚେକ୍ ନମ୍ବର................................................ ତାରିଖ....................................

ବ୍ୟାଙ୍କ୍.......................................... ସ୍ଥାନ.........................................................

ତାରିଖ.......................................... ଦସ୍ତଖତ.........................................................

**ବାସ୍ତବତାର ପରିପ୍ରକାଶ "ପ୍ରାଚୀ"**

ନିଳାଦ୍ରୀ ବିହାର, ନୂଆ ବଜାର, କଟକ-୪, ମୋବାଇଲ୍/ ହ୍ୱାଟ୍‌ସ୍ଆପ୍ ନଂ : ୮୮୯୫୭୦୭୦୧୧

E-mail : pracheepatrika@rediffmail.com, Web. : www.pracheenews.com

# ଫକୀରମୋହନ ଓ ପ୍ରେମଚନ୍ଦଙ୍କ ସାହିତ୍ୟରେ ନାରୀ

ଡ. ଅର୍ଚ୍ଚନା ନାୟକ

ସାହିତ୍ୟରେ ସାଧାରଣତଃ ତିନୋଟି ପ୍ରମୁଖ ବିଭାବର ଉପଯୋଗ କରାଯାଇଛି- ଈଶ୍ୱର, ପ୍ରକୃତି ଓ ନାରୀ । ଏହି ପ୍ରତ୍ୟେକଟି ବିଭାବ ପାଇଁ କ୍ଷେତ୍ର ମଧ୍ୟ ଊଣାଅଧିକେ ଭିନ୍ନ । ଈଶ୍ୱରଙ୍କ ପାଇଁ, ପ୍ରକୃତି ପାଇଁ କାବ୍ୟ କବିତାର କ୍ଷେତ୍ର ହେଉଛି ପ୍ରଶସ୍ତ । ନାରୀ ପାଇଁ କାବ୍ୟ, କବିତା ଓ ନାଟକ ପ୍ରଭୃତି ଥିଲେ ବି ଗଳ୍ପ ଉପନ୍ୟାସରେ ତାର ପ୍ରୟୋଜନ ଅନିବାର୍ଯ୍ୟ । ଏ ପ୍ରକାର ସ୍ୱାତନ୍ତ୍ର୍ୟ ପ୍ରଦର୍ଶନ ପାଇଁ ନାରୀ ବିରହିତ ଗଳ୍ପ, ନାଟକ ଓ ଉପନ୍ୟାସ ରଚନା କରାଯାଏ ସତ; କିନ୍ତୁ ତା'ର ପରିମାଣ ଏକାନ୍ତ ଗଣ୍ୟ । ଏଥିପାଇଁ ମୁଖ୍ୟ କାରଣ ହେଉଛି ନାରୀ ସର୍ବୋତ୍‌ଭାବରେ ପୁରୁଷ ସମାଜର ଆନନ୍ଦ ବା ଆକର୍ଷଣ । ଏହି ପ୍ରସଙ୍ଗରେ ଭର୍ତ୍ତୃହରିଙ୍କର ଉକ୍ତିଟି ଉଲ୍ଲେଖ କରାଯାଇପାରେ-

ସ୍ମିତେନ ଭାବେନ ଚ ଲଜ୍ଜୟା ଭିୟା
ପରାଙ୍‌ମୁଖୈରର୍ଦ୍ଧ କଟାକ୍ଷବୀକ୍ଷଣୈଃ
ବଚୋଭିରୀର୍ଷ୍ୟା କଳହେନଲୀଳୟା
ସମସ୍ତଭାବୈଃ ଖଳୁ ବନ୍ଧନଂ ସ୍ତ୍ରୀୟଃ

ଅର୍ଥାତ୍‌- କି ସ୍ମିତରେ, କି ଭାବରେ, କି ଲାଜରେ, କି ଭୟରେ କି ବଚନରେ, କି ଈର୍ଷାରେ, କଳହରେ କିମ୍ବା ଲୀଳା ବିଭ୍ରମରେ ସର୍ବୋତ୍‌ଭାବରେ ନାରୀବନ୍ଧନ ଆକର୍ଷଣ ।

ସାହିତ୍ୟରେ ନାରୀ ଚରିତ୍ରର ଭୂମିକା ପ୍ରସଙ୍ଗରେ ତାର ଅନ୍ତରଙ୍ଗ ଓ ବହିରଙ୍ଗ ସ୍ୱରୂପ ଦୁଇଟି ବିଚାରଣୀୟ । ତା'ର ଅନ୍ତରଙ୍ଗ ବିଭାବଟି ଅତଳ ସାଗର ପରି । ଯେମିତି ସାଗରର ଗଭୀରତା ତା'ର ତରଙ୍ଗଲୀଳାରୁ ବୁଝାଯାଏନାହିଁ, ସେହିପରି ନାରୀ ହୃଦୟର ଗଭୀରତା ତା'ର ବାହ୍ୟ ପ୍ରକାଶରୁ କଳନା କରିହୁଏନାହିଁ । ତା'ର ବହିରଙ୍ଗ ଦିଗଟି ହେଉଛି ତା'ର ଭାବସମୂହ ବା ଅଭିବ୍ୟକ୍ତ ଅବସ୍ଥା । ଏହି ଉଭୟର ସମନ୍ୱୟରେ ନାରୀ ଚରିତ୍ରର ଉତ୍ତୀର୍ଣ୍ଣତା ନିର୍ଭର କରେ ।

ଊନବିଂଶ ଶତାବ୍ଦୀ ପୂର୍ବ କଥା ସାହିତ୍ୟରେ ନାରୀର ବାସ୍ତବ ଚିତ୍ରଣ କରାଯାଇନାହିଁ । କାରଣ ଭାରତୀୟ ସାହିତ୍ୟିକମାନେ ଗଦ୍ୟ ଓ ପଦ୍ୟ ଉଭୟରେ ନାରୀର କାଳ୍ପନିକ ଚିତ୍ର ଅଧିକ ଦେଇଛନ୍ତି । ଏସବୁରେ ନାରୀର ବାସ୍ତବ ଓ ଯଥାର୍ଥ ଚିତ୍ର ନାହିଁ । କାରଣ ସେ ସମୟର ସମାଜ ବ୍ୟବସ୍ଥାରେ ନାରୀବ୍ୟକ୍ତିତ୍ୱ ପରିସ୍ଫୁଟ ହେବାର ସୁଯୋଗ ପାଇନଥିଲା । "ବିନାଶ୍ରୟେ ନବର୍ତ୍ତନ୍ତେ କବିତାବନିତା ଲତା'ର ଧାରଣା ସମାଜର ଅସ୍ଥି ମଜ୍ଜାଗତ ଥିଲା । ସେ ସମୟର ନାରୀ ସମାଜର ସ୍ଥିତି କଥା ସ୍ମରଣ କଲେ ହିଁ ଆଖି ଆଗରେ ଭାସିଉଠେ ରୋଷେଇଶାଳରେ ଚୂଲୀ ଫୁଙ୍କୁଥିବା, ପୋଖରୀ ଘାଟରେ ଦେହରେ ତେଲ ହଳଦୀ ମାଖି, ଅର୍ଥହୀନ ଗପସପରେ ମାତିଥିବା ବା ଏନ୍ତୁଡ଼ିଶାଳରେ ପ୍ରତିବର୍ଷ ସନ୍ତାନ ପ୍ରସବ କରିଚାଲିଥିବା ଗୁଡ଼ାଏ ରକ୍ତମାଂସର ଜୀବମାତ୍ର । ସେମାନେ ପରିବାରଭୁକ୍ତା; ସାମାଜିକା ନୁହନ୍ତି । ନାରୀ ଜୀବନର ଏକମାତ୍ର ଲକ୍ଷ୍ୟ ଥିଲା ବିବାହ ଓ ମାତୃତ୍ୱ ଥିଲା ତା' ପାଇଁ ଏକମାତ୍ର ସାର୍ଥକତା । ସେହି ସମାଜର ପ୍ରତିଲିପି ସାହିତ୍ୟରେ ନାରୀକୁ ଆଉ କିଛି ଭିନ୍ନ ବା ସ୍ୱତନ୍ତ୍ର ଭାବରେ ଦେଖିବା ସମ୍ଭବ ନଥିଲା ।

୧୯ଶ ଶତାବ୍ଦୀର ଶେଷଭାଗରେ ସମଗ୍ର ବିଶ୍ୱରେ ନାରୀ ଜାଗରଣର ସୂତ୍ରପାତ ହୋଇଥିଲା । ଭାରତବର୍ଷରେ ବହୁ ମନୀଷୀଙ୍କର ଆବିର୍ଭାବ ଘଟିଲା । ଭାରତୀୟ ଚେତନାରେ ଅନେକ ରୁଦ୍ଧ ଗବାକ୍ଷ ଓ ଦ୍ୱାର ଖୋଲିଯାଉଥିଲା । ପ୍ରାଚ୍ୟ ଓ ପାଶ୍ଚାତ୍ୟ ଦୁଇ ସଂସ୍କୃତିର ସଂଘାତ-ସମ୍ମିଳନରେ ଭାରତବର୍ଷରେ ଯେଉଁ ଅଭୂତପୂର୍ବ ଅଭ୍ୟୁଦୟ ଘଟିଲା ତା'ର ନେତୃତ୍ୱ ନେଇଥିଲେ ରବୀନ୍ଦ୍ରନାଥ, ମହାତ୍ମାଗାନ୍ଧୀ, ଦୟାନନ୍ଦ, ସ୍ୱାମୀ ବିବେକାନନ୍ଦ ଓ ଶ୍ରୀଅରବିନ୍ଦ । ଏହି ଯୁଗ ଆଲୋଡ଼ନ ନାରୀପ୍ରତି ଭାରତବର୍ଷରେ ରହିଆସିଥିବା ପାରମ୍ପରିକ ଦୃଷ୍ଟିଭଙ୍ଗୀରେ ମଧ୍ୟ ପରିବର୍ତ୍ତନ ଆଣିଲା । ସମାଜର କେନ୍ଦ୍ରବିନ୍ଦୁ ନାରୀ ଯିଏ ଏପର୍ଯ୍ୟନ୍ତ କେବଳ ବିଳାସ ଏବଂ ଶୃଂଗାରର ପୁତ୍ତଳିକା ମାତ୍ର ଥିଲା ଏବଂ ସାହିତ୍ୟ ସ୍ରଷ୍ଟାଙ୍କର ଅନୁଦାର ଦୃଷ୍ଟିକୋଣ ଓ ଅବାସ୍ତବ କଳ୍ପନା ବିଳାସର ନିମିତ୍ତ ମାତ୍ର ଥିଲା ସେ ଧୀରେ ଧୀରେ ନିଜର ସହଜ ସରଳ ଓ ଯଥାର୍ଥ ରୂପରେ ମାନବୀୟ ଦୋଷଗୁଣ ସହିତ ଆତ୍ମପ୍ରକାଶ କରିବାକୁ ଆରମ୍ଭ କଲା । ସମାଜ ସଂସ୍କାରକଙ୍କର

ସହାୟତାରେ ନାରୀ ନିଜର ଅସ୍ତିତ୍ୱକୁ ଚିହ୍ନିବାକୁ ଆରମ୍ଭ କଲା ।

ଫକୀରମୋହନ (୧୮୪୩-୧୯୧୮) ଓ ପ୍ରେମଚନ୍ଦ (୧୮୮୦-୧୯୩୬) ଓଡ଼ିଆ ଓ ହିନ୍ଦୀ ସାହିତ୍ୟରେ ଯୁଗପ୍ରବର୍ତ୍ତକର ମାନ୍ୟତା ପାଇଛନ୍ତି । ଦୁହେଁ ସର୍ବପ୍ରଥମେ ନିଜ ନିଜ କ୍ଷେତ୍ରରେ ଭାରତ ଏବଂ ଭାରତୀୟ ନାରୀର ଏକ ପ୍ରାମାଣିକ ଏବଂ ବିଶ୍ୱସନୀୟ ଚିତ୍ର ପ୍ରସ୍ତୁତ କରିଛନ୍ତି । ଦୁଇ ସାହିତ୍ୟସ୍ରଷ୍ଟାଙ୍କର ଅନୁଭବର ସ୍ୱତନ୍ତ ଭୂମି ଥିଲା ଭାରତୀୟ ଗ୍ରାମୀଣ ଜୀବନ । ଦୁହେଁ ପ୍ରାୟ ସମକାଳୀନ ହୋଇଥିବାରୁ ସମାନ ପ୍ରକାର ରାଜନୈତିକ, ସାମାଜିକ ଓ ସାଂସ୍କୃତିକ ପରିସ୍ଥିତିରେ ପ୍ରଭାବିତ ହୋଇ ସମାଜ ସଂସ୍କାରକର ଭୂମିକା ନେଇଥିଲେ ଓ ଜନଜୀବନର ସମୁଚିତ ବିକାଶକୁ ନେଇ ଦୁହେଁ ହିଁ ଅନ୍ଧବିଶ୍ୱାସ, ରଚିବାଦ ଓ ସାମାଜିକ ଶୋଷଣ ବିରୋଧରେ ସଂଘର୍ଷ କଲେ ଏବଂ ଶିକ୍ଷା, ନାରୀ ସ୍ୱତନ୍ତ୍ରତା, ଭାଷାର ଉନ୍ନତି ଓ ଉତ୍‌ଥାନମୂଳକ କାର୍ଯ୍ୟର ଆରମ୍ଭ କରିଥିଲେ ।

ଏହି ପରିପ୍ରେକ୍ଷୀରେ ସେମାନଙ୍କର ନାରୀପ୍ରତି ଥିବା ଦୃଷ୍ଟିଭଙ୍ଗୀ ବିଚାର କଲେ ଭାରତୀୟ ପାରିବାରିକ ଜୀବନଧାରାରେ ପୁତ୍ରଜନ୍ମକୁ ଉତ୍ସବ ବୋଲି ମନେ କରାଯିବାବେଳେ କନ୍ୟା ଜନ୍ମକୁ ଦୁଃଖର କାରଣ ବୋଲି ବିବେଚନା କରାଯାଉଥିଲା । ଏହି ପରିପ୍ରେକ୍ଷୀରେ ଦୁଇ ପ୍ରଗତିଶୀଳ ଲେଖକଙ୍କର ମନୋଭାବ ସ୍ପଷ୍ଟ ଥିଲା । ଯାହାର ପରିଚୟ ମିଳେ ପ୍ରେମଚନ୍ଦଙ୍କ ଗଳ୍ପ ସୁହାଗୀ'ରେ । ତୁଳସୀ ଚରିତ୍ର ମାଧ୍ୟମରେ କଥାକାର ଦେଖେଇଛନ୍ତି ଯେଉଁ ତୁଳସୀ ପୁତ୍ରକୁ ରତ୍ନ ଓ କନ୍ୟାଟିକୁ ଗତଜନ୍ମର ଦଣ୍ଡ ବୋଲି ମନେ କରିଥିଲା ସମୟକ୍ରମେ ସେ ଅନୁଭବ କଲା ଯେ ସେ ରତ୍ନ କେତେ କଠୋର ଓ ଦଣ୍ଡ କେତେ ମଙ୍ଗଳମୟ । ଫକୀରମୋହନ ଏ ଦିଗରେ ଆଉ ଏକ ପାଦ ଆଗକୁ ଯାଇ ପରମ୍ପରାରେ ନୂତନତା ଆଣିଲେ । ତାଙ୍କର ମାମୁଁ ଉପନ୍ୟାସରେ 'ଚାନ୍ଦମଣି' ଜନ୍ମ ହେବାବେଳେ ସରସ୍ୱତୀ ଦେବୀ ଆନନ୍ଦରେ ଉଚ୍ଛ୍ୱସିତ ହୋଇ ମଙ୍ଗଳ ଶଂଖଧ୍ୱନି କରିଥିଲେ । ଯେଉଁଠି ଫକୀରମୋହନ ସରସ୍ୱତୀ ଦେବୀଙ୍କ ଦ୍ୱାରା ନୂଆ ପରମ୍ପରାର ଅୟମାରମ୍ଭ କରୁଛନ୍ତି ସେ ପ୍ରେମଚନ୍ଦ ସୁଭାଗୀ ମାଧ୍ୟମରେ ପୁତ୍ରୋଚିତ କାର୍ଯ୍ୟ କରାଇ ନାରୀ ଭିତରେ ଥିବା ସମ୍ଭାବନାକୁ ଆଲୋକିତ କରିଛନ୍ତି ।

ଦୁହେଁ ସମାଜର ସବୁବର୍ଗର ନାରୀଙ୍କର ଚିତ୍ରଣ କରି ନାରୀ ପ୍ରତି ଏକ ସହଜ ଦୃଷ୍ଟି ତଥା ସ୍ୱାଭାବିକତାର ପରିଚୟ ଦେଇଥିଲେ । ନାରୀର ମାତୃରୂପକୁ ଦୁହେଁ ସର୍ବୋତ୍ତମ ମନେ କରିଛନ୍ତି । ପ୍ରେମଚନ୍ଦ 'ଗୋଦାନ' ଉପନ୍ୟାସରେ ମେହେଟ୍ଟା ମୁହଁରେ କୁହାଇଛନ୍ତି ଯେ, "ନାରୀ କେବଳ ମାତା; ଏହାପରେ ସେ ଯାହା କିଛି ବି ହେଉନା କାହିଁକି ସେସବୁ ମାତୃତ୍ୱର ଉପକ୍ରମ ମାତ୍ର ଅଟେ । ମାତୃତ୍ୱ ସଂସାରରେ ସବୁଠାରୁ ବଡ଼ ସାଧନା, ସବୁଠାରୁ ବଡ଼ ତପସ୍ୟା, ସବୁଠାରୁ ବଡ଼ ତ୍ୟାଗ ଓ ସବୁଠାରୁ ମହାନ୍ ବିଜୟ ଅଟେ ।"

ଲଛମା ଉପନ୍ୟାସରେ ଫକୀର ମୋହନ କୁହନ୍ତି "କେଉଁଭାଷାରେ ବୁଝାଇବି ଜନନୀ କି ପ୍ରକାର ବସ୍ତୁ ଅଟେ । ସ୍ନେହ, ଦୟା, ମୋହ, ମମତା, ସ୍ୱାର୍ଥହୀନତା ସବୁ ମିଶି ମୂର୍ତ୍ତିମନ୍ତ ହୋଇଗଲେ ବି ଜନନୀ ସହିତ ତା'ର ତୁଳନା ହୋଇପାରେନାହିଁ ।"

ଦୁହେଁ ବିଚାର କରିଛନ୍ତି ନାରୀ ବ୍ୟକ୍ତିତ୍ୱର ପୂର୍ଣ୍ଣବିକାଶ ମା' ହେଲେ ହିଁ ସମ୍ଭବ ହୁଏ ।

ମା' ପରେ ପତ୍ନୀର ସ୍ଥାନ ସମାଜରେ ସର୍ବାଧିକ ମାନ୍ୟତା ପାଏ । ପ୍ରେମଚନ୍ଦ ଓ ଫକୀରମୋହନ ନାରୀର ଏହି ଶାଶ୍ୱତ ସ୍ୱରୂପକୁ ଅଗ୍ରାଧିକାର ଦେଇଛନ୍ତି । ଦାମ୍ପତ୍ୟ ଜୀବନର ସଫଳତା ପାଇ ଉଭୟେ କଥାକାର ପତ୍ନୀର ସହିଷ୍ଣୁତା ଓ ତ୍ୟାଗ ଉପରେ ପ୍ରାଧାନ୍ୟ ଦେଇଛନ୍ତି । ଫକୀର ମୋହନ ମନେ କରୁଥିଲେ ସ୍ୱାମୀ ସୁନ୍ଦର ହେଉ ବା କୁତ୍ସିତ, ଧନୀ ହେଉ ବା ଦରିଦ୍ର, ଧାର୍ମିକ ହେଉ ବା ପାପୀ ହେଉ ହିନ୍ଦୁ ସ୍ତ୍ରୀ ଲାଗି ସ୍ୱାମୀ ତା'ର ପରମ ଦେବତା । କୌଣସି ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ଦାମ୍ପତ୍ୟପ୍ରେମ ନଥିଲେ ମଧ୍ୟ ପାରିବାରିକ ସୁଖଶାନ୍ତି ଓ ସାମାଜିକ ଶୃଙ୍ଖଳା ଦୃଷ୍ଟିରୁ ଦୁହେଁ ପରସ୍ପର ସହ ଜୀବନ ବିତାଇବା ବାଞ୍ଛନୀୟ । ଏହି ପରିପ୍ରେକ୍ଷୀରେ ସେ ତାଙ୍କର ଛ'ମାଣ ଆଠଗୁଣ୍ଠର ସାନ୍ତାଣୀ, ଲଛମାର ମହାଦେବୀ, ପ୍ରାୟଶ୍ଚିତର ହରିପ୍ରିୟା, ପେଟେଣ୍ଟ ମେଡ଼ିସିନ୍‌ର 'ସୁଲୋଚନା' ଦେବୀଙ୍କର ଅନୁପମ ଚିତ୍ରଣ କରିଛନ୍ତି । ଏହି ପ୍ରସଙ୍ଗରେ ଫକୀର ମୋହନଙ୍କର ଦୁଇଟି କ୍ଲାସିକ ଚରିତ୍ର ସାନ୍ତାଣୀ ଓ ସୁଲୋଚନାଙ୍କ ସମ୍ପର୍କରେ ସମ୍ୟକ୍ ସୂଚନା ଦେବା ପ୍ରାସଙ୍ଗିକ ହେବ ।

ସେନାପତିଙ୍କର କାଳଜୟୀ ଉପନ୍ୟାସ ଛ'ମାଣ

ଆଠଗୁଣରେ ସାନ୍ତାଣୀ ଥିଲେ ନିରାତ୍ମପ୍ରାୟ ରାମଚନ୍ଦ୍ର ମଙ୍ଗରାଜଙ୍କର ଥିଲେ ଆତ୍ମା । ଗାଁରେ ସ୍ତ୍ରୀଲୋକମାନଙ୍କ ମଧ୍ୟରେ ସ୍ୱାମୀ ସେବା କଥା ପଡ଼ିଲେ ସମସ୍ତେ ସାନ୍ତାଣୀଙ୍କର ଉଦାହରଣ ଦେଉଥିଲେ । ଗାଁର ସବୁ ଲୋକଙ୍କ ସୁଖଦୁଃଖରେ ସେ ଥିଲେ ଜଣେ ଦରଦୀ ଅଂଶୀଦାର । ତାଙ୍କପ୍ରତି ସ୍ୱାମୀ ମଙ୍ଗରାଜଙ୍କର ଉଦାସୀନତା କାରଣରୁ ସେ କେବେ ତାଙ୍କ ସହିତ କଳି କରିବାର କେହି ଜାଣେନି; କିନ୍ତୁ ମଙ୍ଗରାଜଙ୍କ କ୍ରୋଧ ବା ଅନ୍ୟାୟର ଶିକାର ହୋଇଥିବା ବ୍ୟକ୍ତି ପାଇଁ ସେ ବିବିଧ ପ୍ରକାର ଯୁକ୍ତି ଦର୍ଶାଇ ତା'ର ନିର୍ଦ୍ଦୋଷ ପ୍ରମାଣ କରିବାକୁ ଛାଡ଼ନ୍ତିନି । ସେଥିପାଇଁ ସହିବାକୁ ପଡୁଥିବା ଗଞ୍ଜଣା ପ୍ରତି ସେ ନିର୍ବିକାର । କିନ୍ତୁ ସ୍ୱାମୀଙ୍କର ଉପସ୍ଥିତିରେ ତାଙ୍କ ସହିତ ପୋଇଲିର ଅବଜ୍ଞାସୂଚକ ବ୍ୟବହାର ତାଙ୍କୁ ଖୁବ୍ ବ୍ୟଥିତ କରିଥିଲା । ସ୍ୱାମୀଙ୍କ ନିକଟରୁ ପ୍ରେମ ଓ ଶ୍ରଦ୍ଧା ପାଇନଥିବା ନାରୀର ଯନ୍ତ୍ରଣା କାତର ଜୀବନ ସେ ଭୋଗ କରୁଥିଲେ ବି ସାନ୍ତାଣୀଙ୍କର ନୀରବ ଅଥଚ ଦୃଢ଼ ବ୍ୟକ୍ତିତ୍ୱ ତାଙ୍କ ଜୀବନକୁ ବ୍ୟର୍ଥ ହେବାକୁ ଦେଇନି । ବରଂ ସେ ଏକରୁ ଅନେକ ଭିତରେ ପ୍ରସରି ଯାଇଛନ୍ତି । ତାଙ୍କର ମୃତ୍ୟୁରେ ପ୍ରତ୍ୟେକ ଗ୍ରାମବାସୀ ଶୋକକାତର ହୋଇ ମନେ କରିଛନ୍ତି ତାଙ୍କର ଆପଣାର କେହି ଜଣେ ଚାଲିଗଲା । ତାଙ୍କର ସ୍ୱାମୀ ମଙ୍ଗରାଜ ଥିଲେ ପଥର ହୃଦୟ । ପୋଇଲି ଚମ୍ପା ସହ ସଂପୃକ୍ତି ଓ ଅର୍ଥଲାଭ ପାଇଁ ଯେକୌଣସି ଅପକର୍ମରେ ଜଡ଼ିତ ହେବା ଥିଲା ତାଙ୍କର ଏକମାତ୍ର କାମ । ପ୍ରଥମ ଓ ଶେଷଥର ପାଇଁ ତାଙ୍କ ଆଖିରୁ ଲୁହ ଝରିଥିଲା ସାନ୍ତାଣୀଙ୍କ ମୃତ୍ୟୁରେ । ସେ ଅବା ବୁଝି ପାରିଥିଲେ ଯେ ଅବହେଳିତା ସାନ୍ତାଣୀ ଥିଲେ ତାଙ୍କର ପୁଣ୍ୟବଳ । ତାଙ୍କର ପଥର ହୃଦୟତଳେ ଯେ ଭଲ ପାଇବାର ଗୁପ୍ତ ଝରଣାଟିଏ ଥାଇପାରେ ସାନ୍ତାଣୀଙ୍କ ମୃତ୍ୟୁ ଦେଇଥିଲା ତା'ର ସନ୍ଧାନ । ସେଥିପାଇଁ ନିଜ ମୃତ୍ୟୁବେଳକୁ ତାଙ୍କର ଯେମିତିକି ଆତ୍ମୋଦ୍ଧାର ହୋଇଯାଇଥିଲା ।

ଫକୀର ମୋହନଙ୍କର ଏହି ବିଚିତ୍ର ଦମ୍ପତିର ପରିକଳ୍ପନା ବଡ଼ ଅଦ୍ଭୁତ ଓ ଅଭିନବ ।

ଫକୀର ମୋହନଙ୍କର ଅନ୍ୟ ଏକ କ୍ଲାସିକ ନାୟିକା ହେଉଛନ୍ତି 'ପେଟେଣ୍ଟ ମେଡିସିନ୍' ଗଳ୍ପର ସୁଲୋଚନା ଦେବୀ, ସାଧାରଣତଃ ସମାଜରେ ମଦ୍ୟପ ବେଶ୍ୟାସକ୍ତ ପୁରୁଷ ଘରକୁ ଫେରି ତା'ର ପତିବ୍ରତା, ସୁନ୍ଦରୀ ଓ ଗୁଣବତୀ ସ୍ତ୍ରୀକୁ ଗାଳିମାଡ଼ ଦେଇଥାଏ । ଅକାରଣରେ ପତ୍ନୀକୁ ନିର୍ଯାତନା ଦେଇ ନିଜର ପୁରୁଷତ୍ୱ ଜାହିର କରିପାରୁଥିବାର ଏକ ବିକୃତ ଆନନ୍ଦ ପାଇଥାଏ । କିନ୍ତୁ ଏଠି ମଦ୍ୟପ ସ୍ୱାମୀ ଚନ୍ଦ୍ରମଣି ବାବୁ ନିଜ ପତ୍ନୀକୁ ଡରିଛନ୍ତି, ସଂକୋଚ କରିଛନ୍ତି ଓ ନିଜର ସାଂଘାତିକ ଅପରାଧ ପାଇଁ ସ୍ତ୍ରୀ ହାତରୁ ଛାଂଚୁଣୀ ପାହାର ଖାଇଛନ୍ତି । ତେବେ ଏହା ହେଲା କିପରି ? ସୁଲୋଚନା ସ୍ୱାମୀଙ୍କର ଅଧଃପତନ ଲାଗି ଦୁଃଖକାତର ଥିଲେ । ସେଥିପାଇଁ ଅହୋରାତ୍ର ଦେବଦେବୀଙ୍କୁ ବ୍ୟାକୁଳ ପ୍ରାର୍ଥନା କରୁଥିଲେ । ତାଙ୍କର ଥିଲା ଏକ ବଳିଷ୍ଠ ବ୍ୟକ୍ତିତ୍ୱ ଓ ପ୍ରେମମୟୀ ସତ୍ତା । ତେଣୁ ଚନ୍ଦ୍ରମଣି ବାବୁ ଭିତରେ ଭିତରେ ସୁଲୋଚନାଙ୍କୁ ଖୁବ୍ ପ୍ରେମ କରୁଥିଲେ । ପତ୍ନୀଙ୍କର ବ୍ୟକ୍ତିତ୍ୱ ଓ ଆତ୍ମମର୍ଯ୍ୟାଦା ବୋଧକୁ ଖୁବ୍ ସମ୍ମାନ ଦେଉଥିଲେ । ତେଣୁ ପତ୍ନୀ ପ୍ରତି ଥିବା ପ୍ରେମ ଓ ସଂଭ୍ରମବୋଧ ହିଁ ତାଙ୍କୁ ବିନା ପ୍ରତିବାଦରେ ଛାଂଚୁଣୀ ପ୍ରହାର ଖାଇବାକୁ ବାଧ୍ୟ କରିଛି । ଚନ୍ଦ୍ରମଣି ଓ ସୁଲୋଚନା ଓଡ଼ିଆ ସାହିତ୍ୟରେ କେବଳ ନୁହନ୍ତି ସମଗ୍ର ଭାରତୀୟ ସାହିତ୍ୟରେ ମଧ୍ୟ ଏକ ଅନନ୍ୟ ଦମ୍ପତି ଭାବରେ ପରିଚିତ ହେବେ ।

ପ୍ରେମଚନ୍ଦ୍ର ମଧ୍ୟ ପତ୍ନୀ ଲାଗି ଅନୁରୂପ ତ୍ୟାଗ ସହିଷ୍ଣୁତା ଏବଂ ସେବାଭାବର ଅଭିଳାଷ କରନ୍ତି । ଗ୍ରାମ୍ୟ ଏବଂ ସହରୀଜୀବନର ସମନ୍ୱୟରେ ରଚିତ 'ଗୋଦାନ'ର ମୁଖ୍ୟ ନାରୀ ଚରିତ୍ର ହେଉଛି ଧନିଆ । ଜଣେ ସତୀ ସାଧ୍ୱୀ ନାରୀ ତଥା କୃଷକର ପତ୍ନୀ ଭାବରେ ତା'ଠାରେ ଧୈର୍ଯ୍ୟ, ସହିଷ୍ଣୁତା, ଦୟା, ସ୍ନେହ ଓ ସହାନୁଭୂତି ପ୍ରଭୃତି ସମସ୍ତ ସଦ୍‌ଗୁଣର ସମନ୍ୱୟ ଦେଖିବାକୁ ମିଳେ । ନ୍ୟାୟ ପାଇଁ ସେ ନିର୍ଭୀକ ଭାବରେ ପ୍ରତିବାଦ ମଧ୍ୟ କରିଜାଣେ । ଧନିଆ ଧନରେ ଗରିବ ହେଲେ ହେଁ ପତ୍ନୀତ୍ୱରେ ସେ ମହୀୟସୀ । ନାରିକେଳ ପରି ଉପରେ କଠୋର ହେଲେ ହେଁ ତା'ର ଅନ୍ତର ସରସ, କୋମଳ, ସେ ପବିତ୍ର ନାରୀତ୍ୱର ମୂର୍ତ୍ତିମନ୍ତ ବିଗ୍ରହ । ସେ ଥିଲା ନିଜ କଥାରେ ଦୃଢ଼ ଓ ସ୍ପଷ୍ଟବାଦିନୀ । ଶ୍ରମ ଉପରେ ଥିଲା ତା'ର ଗଭୀର ବିଶ୍ୱାସ । ସ୍ୱାମୀ ସହିତ ମିଳିମିଶି କାମ କରିଛି, ଗୋଦାନ ଦେଇ ସ୍ୱାମୀର ଅଭିଳାଷ ମଧ୍ୟ ପୂରଣ କରିଛି ।

ଉଭୟ କଥାକାର ବିଶ୍ୱାସ କରନ୍ତି କି ପତ୍ନୀ ରୂପରେ ନାରୀ ଖୁବ୍ ଶକ୍ତିଶାଳୀ ଓ ଦୃଢ଼ ବ୍ୟକ୍ତିତ୍ୱସମ୍ପନ୍ନା ହେଲେ ବିପଥଗାମୀ ସ୍ୱାମୀକୁ ସୁଧାରି ପାରିବ ଓ ଉପଯୁକ୍ତ ମାର୍ଗ ଦର୍ଶାଇ

ପାରିବ । ଦୁହେଁ ପତ୍ନୀ ନିକଟରୁ ଏହାହିଁ ଆଶା କରୁଥିବା ତାଙ୍କ ଚରିତ୍ର ମାଧ୍ୟମରେ ସ୍ପଷ୍ଟ ଜଣାପଡ଼େ ।

ପ୍ରେୟସୀ ସମ୍ପର୍କରେ ଉଭୟେ କଥାକାର ମନେ କରନ୍ତି ଯେଉଁଠି ବାସ୍ତବିକ ପ୍ରେମ ଥିବ, ସେଠି ଥିବ ଆତ୍ମସମର୍ପଣ, କ୍ଷମା ଏବଂ ଉଦାରତା । ପ୍ରେମଚନ୍ଦଙ୍କର 'ଆଗାପୀଛା' ଗଳ୍ପରେ ଶ୍ରଦ୍ଧା ଚରିତ୍ର ମାଧ୍ୟମରେ ଅନାବିଳ ଶୁଦ୍ଧ ପ୍ରେମ ସମ୍ପର୍କର ବର୍ଣ୍ଣନା କରିଛନ୍ତି । ଫକୀର ମୋହନଙ୍କ ସମୟର ଓଡ଼ିଆ ସମାଜ ଅତ୍ୟଧିକ ରକ୍ଷଣଶୀଳ ଥିଲା । ତେଣୁ ଆଦର୍ଶବାଦୀ କଥାଶିଳ୍ପୀ ଫକୀର ମୋହନ ତାଙ୍କର ଗଳ୍ପ ଓ ଉପନ୍ୟାସ ଗୁଡ଼ିକରେ ପତ୍ନୀକୁ ହିଁ ପ୍ରେମିକା ରୂପେ ଚିତ୍ରିତ କରିଛନ୍ତି । ତଥାପି ଫକୀର ମୋହନ ରେବତୀ, ଇନ୍ଦୁମତୀ ଏବଂ କମଳୀ ମାଧ୍ୟମରେ ପ୍ରେମ ଯେଉଁ ସୂକ୍ଷ୍ମଭାବ ଅତ୍ୟନ୍ତ କଳାତ୍ମକ ରୀତିରେ ଫୁଟାଇଛନ୍ତି ତାହା ଅନବଦ୍ୟ । କିଶୋରୀ ରେବତୀକୁ ତା'ର ଶିକ୍ଷକ ବାସୁଦେବ ପାଠ ପଢ଼ାଇବାକୁ ଆସିବାବେଳେ ଦୁହେଁ ଦୁହିଁଙ୍କ ପ୍ରତି ଆକର୍ଷିତ ହୋଇଛନ୍ତି କିନ୍ତୁ ଏ ଆକର୍ଷଣର ଭାଷା ନୀରବତା । ତା'ର ଅନୁଭବର କଥା କହିବାକୁ ଯାଇ ସେନାପତି କୁହନ୍ତି, "ଏଣିକି ତାକୁ ବାପା ଆଗରେ ବାସୁଭାଇ ପଢ଼ାଇଦେଲେ କିପରି ଗୋଟେ ଲାଜମାଡ଼େ । ମୁଣ୍ଡ ତଳକୁ ପୋତିଦେଇ ଦୁଇ ଓଠ ବୁଜି ହସ ଲୁଚାଏ । ଏଣିକି ବାସୁ ପଢ଼ାଇଦେଲେ, କେତେବେଳେ ତୁନି ତୁନି ପଢ଼େ କେତେବେଳେ ଖାଲି ହୁଁ ହୁଁ କରେ, ପଢ଼ା ସରିଲେ ପାଟି ବୁଜି ହସିହସି ଘରକୁ ପଳାଏ । ପ୍ରତିଦିନ ସଞ୍ଜବେଳେ ଦାଣ୍ଡଦୁଆର କବାଟକୁ ଧରି କାହାକୁ ଚାହିଁଥାଏ, ବାସୁ ଆସିଲେ ଘରକୁ ପଳାଏ; ପାଞ୍ଚ ଡାକରେ ବାହାରେ ନାହିଁ ।"

ବାସୁ ପାଖରେ ଥିବାବେଳେ ସେ ତାକୁ କେବଳ ଦେଖୁଥାଏ, ସେତେବେଳେ ତା'ର ଆଉ କିଛି ଧ୍ୟାନ ରହେନାହିଁ, ଆଖିରେ ବାସୁଦେବ, ଚିନ୍ତା ବାସୁଦେବ, ସମସ୍ତ ହୃଦୟ ବାସୁଦେବମୟ ହୋଇଯାଉଥିଲା । ସେମିତି 'ବିରେଇବିଶାଳ' ଗଳ୍ପରେ କମଳୀର ପ୍ରେୟସୀ ରୂପର ଖୁବ୍ ସଂକ୍ଷିପ୍ତ ବର୍ଣ୍ଣନା ରହିଛି । ସେ ଲେଖିଛନ୍ତି 'ବିରେଇ କ୍ଷେତରୁ ଲେଉଟିବାବେଳେ କମଳୀ କଳସୀ ନେଇ ପାଣି ଆଣିବାକୁ ଯାଇ ତାକୁ ଦେଖୁଥାଏ । କଳସୀରେ ପାଣି ଥିଲେ ବି ତାକୁ ଢ଼ାଳି ଦେଇ ଠିକ୍ ସେହି ସମୟରେ ପାଣି ପାଖକୁ ଯାଏ । ବିରେଇ ଓ କମଳୀର କେବଳ ସେଇ ନିର୍ଜନ ବେଳାରେ ଚାରିଚକ୍ଷୁର ମିଳନ ଛଡ଼ା କଥାକାର ଅଧିକ କିଛି କହିନାହାନ୍ତି । କାରଣ କମଳୀ ପ୍ରେମରେ ପ୍ରଗଲ୍‌ଭା ନୁହେଁ, କେବଳ ଦୃଷ୍ଟିରେ ହିଁ ପ୍ରେମର ସୁନ୍ଦର ଅଭିବ୍ୟକ୍ତି ଅନନ୍ୟ ଅଟେ ।

ସମାଜରେ ନାରୀର ଶୁଦ୍ଧ ରୂପ ଯେତିକି ବନ୍ଦନୀୟ ଅଟେ ତାର ଅସତ୍‌ରୂପ ସେତିକି ନିନ୍ଦନୀୟ । ନାରୀ ଯେଉଁ ମାତା, ଭଗିନୀ, ପ୍ରିୟା, ପତ୍ନୀ ଓ କନ୍ୟା ରୂପରେ ପୁରୁଷ ଜୀବନରେ ଏକ ମହତ୍ୱପୂର୍ଣ୍ଣ ସ୍ଥାନ ଅଧିକାର କରେ ସେଠି ଅସଚ୍ଚରିତ୍ରା ନାରୀ ଭାବରେ ପୁରୁଷକୁ ପଥଚ୍ୟୁତ ମଧ୍ୟ କରେ ।

ପ୍ରେମଚନ୍ଦ ଓ ଫକୀରମୋହନଙ୍କର ଏହି ବାରନାରୀ ବା ବେଶ୍ୟା ସମ୍ବନ୍ଧରେ ଦୃଷ୍ଟିକୋଣରେ କେତେକ ଭିନ୍ନତା ଲକ୍ଷ୍ୟ କରାଯାଏ । ପ୍ରେମଚନ୍ଦ ନାରୀର ବେଶ୍ୟାବୃତ୍ତି ଗ୍ରହଣ କରିବାର କାରଣ ଦର୍ଶାଇ କୁହନ୍ତି କୁସଂସ୍କାର, ଦାରିଦ୍ର୍ୟ, ଅଶିକ୍ଷା, ଅନ୍ୟାୟପୂର୍ଣ୍ଣ ଧାର୍ମିକ ଅବ୍ୟବସ୍ଥା ନାରୀକୁ ଏଥିପାଇଁ ବାଧ୍ୟକରେ । ଫକୀର ମୋହନ ମନେ କରୁଥିଲେ ବଂଶ ପରମ୍ପରା ନାରୀଚରିତ୍ର ଗଠନର ମୂଳ ଆଧାର । ନାରୀ ଶୈଶବ କାଳରେ ଯେଉଁ ପରିସରରେ ବଢ଼ିଥାଏ ସେହିପ୍ରକାର ତା'ର ଚରିତ୍ର ଗଠିତ ହୁଏ । କୁଳାଚାର ଓ ଆଭିଜାତ୍ୟକୁ ମହତ୍ୱ ଦେଉଥିବା ଫକୀର ମୋହନ ଚମ୍ପା, ଚିତ୍ରକଳା, ମରୁଆ ଏବଂ ଉସ୍ମାନତାରାର ସ୍ୱଭାବ ଚରିତ୍ର ପାଇଁ ସେମାନଙ୍କର ହୀନ ପରିବେଶ ଦାୟୀ ବୋଲି ଭାବୁଥିଲେ ।

ପ୍ରେମଚନ୍ଦ ତାଙ୍କର ସେବାସଦନ ଉପନ୍ୟାସରେ ଦେଖାଇଛନ୍ତି ସୁମନ ଏକ ପରିତ୍ୟକ୍ତା ହିନ୍ଦୁନାରୀ । ପରିତ୍ୟକ୍ତା ହେବାର କାରଣ ହେଲା ଯୌତୁକ ଦେଇ ନ ପାରିବାରୁ ସେ ଉପଯୁକ୍ତ ପାତ୍ରକୁ ବିବାହ କରିପାରିନି । ଗୋଟେ ଅଯୋଗ୍ୟ ଅଶିକ୍ଷିତ ସଂକୀର୍ଣ୍ଣ ମନୋଭାବ ସମ୍ପନ୍ନ ଗଦାଧରକୁ ବିବାହ କରିଛି । ଗୋଟିଏ ରାତି ସେ ସ୍ୱାମୀର ବିନାନୁମତିରେ ବାହାରେ ରହିଯାଇଥିବାରୁ ତାକୁ ଚିରଦିନ ପାଇଁ ପତିଠାରୁ ଦୂରେଇ ଯିବାକୁ ପଡ଼ିଛି ଓ ବେଶ୍ୟା ବୃତ୍ତିକୁ- ଜୀବନ ଧାରଣର ମାଧ୍ୟମ ରୂପେ ଗ୍ରହଣ କରିଛି । ଏପରି ଏକ ଘୃଣ୍ୟ, କରୁଣ ଓ ହୃଦୟସ୍ପର୍ଶୀ ଗାଥାର ପ୍ରତିଚିତ୍ର ହେଉଛି ସେବାସଦନ । ଏଥିରେ କଥାକାର ନାରୀଜାଗରଣର ଚିତ୍ର ଏବଂ ନାରୀର ପ୍ରତିବାଦ କରିବାର ଅଧିକାର ସୁମନ ମାଧ୍ୟମରେ ପ୍ରକାଶ କରିଛନ୍ତି ।

କଥାକାର ସେନାପତି ତାଙ୍କ ଉପନ୍ୟାସ ଓ ଗଳ୍ପଗୁଡ଼ିକରେ

କାବ୍ୟନାୟିକା ପରିବର୍ତ୍ତେ ଲୋକନାୟିକାମାନଙ୍କୁ ହିଁ ଗ୍ରହଣ କରିଛନ୍ତି । ସେଥିପାଇଁ ସେମାନେ ଖୁବ୍ ସ୍ୱାଭାବିକ ଜଣାପଡ଼ନ୍ତି । ତାଙ୍କ ଆଖିଆଗରେ ନାରୀର ବିଶେଷ ସୂକ୍ଷ୍ମ ସୁନ୍ଦର ଦିଗଗୁଡ଼ିକ ଯେପରି ଉଦ୍‌ଘାଟିତ ହୋଇଛି ସେହିପରି ଅତ୍ୟନ୍ତ କ୍ରୂର କୁଟିଳ ଓ ଚତୁର ଦିଗଟି ମଧ୍ୟ ପ୍ରକାଶିତ ହୋଇଛି । ତାଙ୍କର ସର୍ବାଧିକ ଚର୍ଚ୍ଚିତ ଦୁଇ କୁଟିଳ ନାରୀଚରିତ୍ର ହେଲେ ଚମ୍ପା ଓ ଚିତ୍ରକଳା । ଜଣେ ଗ୍ରାମ୍ୟ ଓ ଅନ୍ୟଜଣେ ସହରୀ ଜୀବନର ପ୍ରତିନିଧିତ୍ୱ କରନ୍ତି । ଏ ଦୁହିଁଙ୍କ ଚରିତ୍ରରେ କୁଟିଳତା ମୁଖ୍ୟ ଅଟେ, ଦେହଭୋଗ ଗୌଣ । "ସମାଜରେ କୌଣସି ନୈତିକ ଆଦର୍ଶ ବା ଅନ୍ୟ କୌଣସି ଚରିତ୍ରର ମହନୀୟତା ଫୁଟାଇବା ପାଇଁ ଏ ଦୁଇଟି ଚିରତ୍ର ପୃଷ୍ଠଭୂମି ରୂପେ କଳ୍ପିତ ହୋଇନଥିଲା । ତତ୍‌କାଳୀନ ବହୁ ଖାନ୍‌ଦାନ ପରିବାରରେ ଏହିପରି ବହୁ ମହୁରାଙ୍କର ଏକାଧିପତ୍ୟ ଥିଲା । ସେହିମାନଙ୍କର କୁମନ୍ତ୍ରଣା ଓ କୁପ୍ରଭାବରେ କେତେ ସଂସାର ଭାଙ୍ଗି ଚୂନା ହୋଇଗଲା; ତା'ର ଇୟତ୍ତା ନାହିଁ ।

(ସୁରେନ୍ଦ୍ର ମହାନ୍ତି, ଫ.ମୋ.ସମୀକ୍ଷା)

ଫକୀର ମୋହନଙ୍କର ଦୁଇଟି ଯାକ ବିଖ୍ୟାତ ଉପନ୍ୟାସ 'ଛ'ମାଣ ଆଠଗୁଣ୍ଠର ନାୟିକା ଚମ୍ପା ଓ 'ମାମୁଁ'ର ନାୟିକା ଚିତ୍ରକଳା ଦୁଇଟିଯାକ ଖୁବ୍ ଶକ୍ତିଶାଳୀ ଚରିତ୍ର । ଚମ୍ପା ଲାଗି ମଙ୍ଗରାଜଙ୍କ ପରିବାର ଓ ଜମିଦାର ବାଘସିଂହଙ୍କ ପରିବାର ଯେପରି ଉଚ୍ଛନ୍ନ ହୋଇଯାଇଛି ସେହିପରି ଏକ ନିଃସନ୍ତାନ ଦରିଦ୍ର ତନ୍ତୀ ଦମ୍ପତିଙ୍କର ଜୀବନ ମଧ୍ୟ ତା'ର ଲୋଭର ଶରବ୍ୟ ହୋଇ ଶେଷ ହୋଇଯାଇଛି ।

ଚମ୍ପା ଅତ୍ୟନ୍ତ ସ୍ଥୂଳମନା, ଇତର ଗ୍ରାମୀଣ ନାରୀ ଥିବାବେଳେ ଚିତ୍ରକଳା ତା'ର ବେଶଭୂଷା, ଚାଲିଚଳଣ ଓ କଥାବାର୍ତ୍ତାରେ ବେଶ୍ ରୁଚିସମ୍ପନ୍ନ । ବିଷମ ପରିସ୍ଥିତିକୁ ସମ୍ଭାଳି ନେବାରେ ତା'ର ଆଶୁବୁଦ୍ଧି ଓ ଚତୁରତାର ସ୍ପଷ୍ଟ ପରିଚୟ ମିଳେ । ପରପୁରୁଷ ସମ୍ପର୍କ, ଅଳଙ୍କାର ଚୋରି ଓ ଚୋରି ଅପରାଧରୁ ମୁକ୍ତିପାଇବା ନିମନ୍ତେ ନାନାପ୍ରକାର ଅପକୌଶଳ ଅବଲମ୍ବନ କଲେ ବି ତା'ର ଚରିତ୍ରରେ ଥିବା ଭଲଗୁଣଟିର ଆବିଷ୍କାର ମଧ୍ୟ କଥାକାର କରିଛନ୍ତି । ଚାନ୍ଦମଣିର ପୁତ୍ର ବସୁବାବୁଙ୍କ ପ୍ରତି ତା'ର ଶ୍ରଦ୍ଧା ଓ ସମୀହବୋଧ ସୂଚାଇଦିଏ ଯେ ତା'ର ସ୍ୱାର୍ଥସାଧନ ପାଇଁ ସେ ମନ୍ଦ ଲୋକଙ୍କର ମନ ନେଉଥିଲେ ମଧ୍ୟ ଭଲମଣିଷ ପାଇଁ ତା' ମନରେ ସ୍ୱାଭାବିକ ଶ୍ରଦ୍ଧା ଓ ସମ୍ମାନ ଥିଲା । ଚିତ୍ରକଳା ଚରିତ୍ରର ସମସ୍ତ କାଳିମା ସତ୍ତ୍ୱେ ଏଇ ମାତ୍ର ସୁନ୍ଦର ଦିଗଟି ତା'ର ଅନ୍ତର୍ନିହିତ ଉତ୍ତମ ଦିଗଟିର ସୂଚନା ଦିଏ । ତେବେ ଫକୀରମୋହନଙ୍କର ସମଗ୍ର ସୃଷ୍ଟିରେ ଯେଉଁ ଏକ ଅନନ୍ୟ ନାରୀଚରିତ୍ର ସୃଷ୍ଟି ହୋଇଛି ସେ ହେଉଛି ଛ'ମାଣ ଆଠଗୁଣ୍ଠର ସାନ୍ତାଣୀ ।

ପ୍ରେମଚନ୍ଦଙ୍କର ବିପୁଳ ସାରସ୍ୱତ ସୃଷ୍ଟି ମଧ୍ୟରେ ସେ ନାରୀଚରିତ୍ର ଗୁଡ଼ିକର ଉତ୍ତରୋତ୍ତର ବିକାଶ ସାଧନ କରିଛନ୍ତି । ଏହି କାରଣରୁ ନିର୍ମଳା ଉପନ୍ୟାସର ନିର୍ମଳା, ସେବାସଦନର ସୁମନ, ପବନର 'ଜାଲପା' ଆଦି ନାରୀ ଗୋଦାନ ପର୍ଯ୍ୟନ୍ତ ଆସୁ ଆସୁ ଧନିଆ ଏବଂ ମାଳତୀଙ୍କ ରୂପରେ ଅପ୍ରତିଦ୍ୱନ୍ଦ୍ୱୀ ଚରିତ୍ର ହୋଇଉଠିଛନ୍ତି । ତାଙ୍କର ନାରୀଚିତ୍ରଣ ଧୀରେ ଧୀରେ ସ୍ଥୂଳ ଚିତ୍ରଣରରୁ ସୂକ୍ଷ୍ମ ପ୍ରକାଶ ଦିଗରେ ଗତିଶୀଳ ହୋଇଛି । ଗୋଦାନରେ ମେହେତା ମୁହଁରେ ପ୍ରକାଶିତ ବକ୍ତବ୍ୟ ଭିତରେ ପ୍ରେମଚନ୍ଦଙ୍କ ମନୋଭାବ ସ୍ପଷ୍ଟ । ସେ ଚାହୁଁଥିଲେ ଭାରତୀୟ ନାରୀମାନେ ଆଧୁନିକ ହୁଅନ୍ତୁ, ଶିକ୍ଷିତ ହୁଅନ୍ତୁ, ଆର୍ଥିକ ସ୍ୱଚ୍ଛଳତା ଲାଭକରି ସମାଜରେ ଆତ୍ମମର୍ଯ୍ୟାଦା ସହକାରେ ଜୀବନ ଅତିବାହିତ କରନ୍ତୁ ।

ଆଧୁନିକ ଗଦ୍ୟସାହିତ୍ୟ ସୃଷ୍ଟିର ପ୍ରାକ୍ କାଳରେ ଓଡ଼ିଆ ଓ ହିନ୍ଦୀ ଉଭୟ ଭାଷାର ଏହି ଦୁଇ ମହାନ୍ ଯୋଗଜନ୍ମା ସାରସ୍ୱତ ସ୍ରଷ୍ଟା ସ୍ୱସ୍ୱ ରଚନାରେ ନାରୀ ଚରିତ୍ରଚିତ୍ରଣରେ ଯେଉଁ ସିଦ୍ଧହସ୍ତତା ପ୍ରତିପାଦନ କରିଛନ୍ତି ତାହା ଅବିସ୍ମରଣୀୟ ।

ସମାଜରେ ଆଗକୁ ଆସନ୍ତୁ ପରନ୍ତୁ ପାଶ୍ଚାତ୍ୟ ସଭ୍ୟତାର ଆକର୍ଷଣରେ ବିଳାସବ୍ୟସନର ଜଗତରେ ପ୍ରଜାପତି ନହୁଅନ୍ତୁ । ତାଙ୍କର ଏହି ଭାବନା ପୂର୍ଣ୍ଣମାତ୍ରାରେ ପ୍ରକାଶ ପାଇଛି ଗୋଦାନର ମାଳତୀ ଚରିତ୍ରରେ । ଯିଏକି ଆଧୁନିକ ଉଚ୍ଚଶିକ୍ଷାପ୍ରାପ୍ତ ଡାକ୍ତର ହେଲେ ବି ଭାରତୀୟ ସଂସ୍କୃତି ଓ ପରମ୍ପରାକୁ ଯଥୋଚିତ ସମ୍ମାନ କରିଛି । ପ୍ରେମଚନ୍ଦ ମଧ୍ୟବିତ୍ତ ନାରୀ ସମାଜର ଏକ ପ୍ରେରଣାର ଉତ୍ସ ଭାବରେ ଏହି ଚରିତ୍ରଟିକୁ ନିର୍ମାଣ କରିଛନ୍ତି ।

ତେବେ ପ୍ରେମଚନ୍ଦ ଓ ଫକୀରମୋହନଙ୍କ ମଧ୍ୟରେ ଥିବା ସ୍ୱଳ୍ପକାଳର ବ୍ୟବଧାନ ସ୍ୱରୂପ ଫକୀରମୋହନଙ୍କ ସାହିତ୍ୟରେ ନାରୀର ରାଷ୍ଟ୍ରୀୟ ସଚେତନତା ଲକ୍ଷ୍ୟ କରାଯାଏନି ଯାହାକି ଖୁବ୍ ସ୍ପଷ୍ଟଭାବରେ ପ୍ରେମଚନ୍ଦଙ୍କ ରଚନାରେ ମିଳିଥାଏ । କାରଣ

ଓଡ଼ିଆ ନାରୀଙ୍କୁ ଗାନ୍ଧିଜୀଙ୍କର ଆହ୍ୱାନ ମିଳିପାରିଥିଲା । ପ୍ରେମଚନ୍ଦଙ୍କ ରଚନାରେ ସାହିତ୍ୟିକ ନାରୀ ଚରିତ୍ର ଉପରେ ଗାନ୍ଧିଜୀଙ୍କର ରାଜନୀତିକ ନାରୀଚରିତ୍ରର ସ୍ପଷ୍ଟପ୍ରଭାବ ପରିଲକ୍ଷିତ ହୁଏ ।

ପ୍ରେମଚନ୍ଦ ଅନୁଭବ କରୁଥିଲେ ଯଦି ସ୍ତ୍ରୀଲୋକଙ୍କୁ ବ୍ୟାପକ ଜନଜୀବନରେ କାର୍ଯ୍ୟ କରିବାକୁ ସୁଯୋଗ ଦିଆନଯିବ ତେବେ ସେମାନେ ଗହଣାର ଜଗତରେ ହଜିଯିବେ । ତେଣୁ ସେମାନଙ୍କୁ ବିସ୍ତୃତ କ୍ଷେତ୍ର ଭିତରକୁ ଆସିବାକୁ ହେବ ଏବଂ ରାଷ୍ଟ୍ରନିର୍ମାଣ କାର୍ଯ୍ୟରେ ଲାଗିବାକୁ ହେବ । 'ଗବନ' ଉପନ୍ୟାସର 'ଜାଲପା' ଗହଣାର ସଂସାର ଭିତରେ ଘୂରିବୁଲିବାବେଳେ ହିଁ ନିଜ ଭିତରେ ଜାଗ୍ରତ ହୋଇ ଉଠିଛି ଓ ଭାରତର ସ୍ୱାଧୀନତା ସଂଗ୍ରାମ ପରି ଏକ ବ୍ୟାପକ ଲକ୍ଷ୍ୟ ସହିତ ସଂଯୁକ୍ତ ହୋଇଯାଇଛି । 'ଜାଲପା' ସତେ ଯେମିତି ଥିଲା ଭାରତର କ୍ରମପ୍ରକାଶିତ ନାରୀତ୍ୱର ଉଜ୍ଜ୍ୱଳ ଝଲକ ।

ରଣଭୂମି ଉପନ୍ୟାସର ସୋଫିଆ ସ୍ୱାଧୀନତା ସଂଗ୍ରାମ ଲାଗି ଅନବରତ ସଂଗ୍ରାମ କରି, ନିଜ ତେଜରେ ଅନ୍ୟମାନଙ୍କୁ ଆଲୋକିତ କରିଛି । ପ୍ରେମଚନ୍ଦଙ୍କର ନାରୀ ପ୍ରଜାପତି ହୋଇନି, ହୋଇଛି ମଧୁମକ୍ଷୀ । ସେ କେବଳ ରସ ନିଏନି ଜୀବନର ରସ ମଧ୍ୟ ଅପରକୁ ପ୍ରଦାନ କରେ ।

ଫକୀରମୋହନଙ୍କ ସମୟର ଓଡ଼ିଶାରେ ମୁକ୍ତି ଆନ୍ଦୋଳନ ପାଇଁ କୌଣସି ସଂଘର୍ଷମୟ ବାତାବରଣ ନଥିଲା । ତେଣୁ ସେପରି ପୁରୁଷ ବା ନାରୀ ଚରିତ୍ର ତାଙ୍କ ଉପନ୍ୟାସ ଗଳ୍ପରେ ଆସିପାରିନାହାନ୍ତି । ତା'ଛଡ଼ା ଫକୀରମୋନଙ୍କ ମାତ୍ର ଚାରିଖଣ୍ଡ ଉପନ୍ୟାସ ଓ କୋଡ଼ିଏଟି ଗଳ୍ପ ଭିତରେ ପ୍ରେମଚନ୍ଦଙ୍କ ବିପୁଳ ସୃଷ୍ଟି ଓ ତଜ୍ଜନିତ ଚରିତ୍ରମାନଙ୍କରେ କ୍ରମବିବର୍ତ୍ତନ ରୂପ ପ୍ରକାଶ ପାଇନାହିଁ ।

ତେବେ ଏ ଦୁଇ ମହାନ ଭାରତୀୟ କଥାଶିଳ୍ପୀ ନାରୀକୁ ତା'ର ସହନଶୀଳତା ଏବଂ ନୈସର୍ଗିକ ଗୁଣ ଯୋଗୁଁ ପୁରୁଷ ଅପେକ୍ଷା ଶ୍ରେଷ୍ଠ ସ୍ୱୀକାର କରିଛନ୍ତି । ଏ ଦୁହିଁଙ୍କର କଥାସାହିତ୍ୟରେ କ୍ରାନ୍ତିକାରୀ ଚିନ୍ତାଧାରା ଥାଇବି ଆଦର୍ଶୋନ୍ମୁଖୀ ସମନ୍ୱୟକାରୀ ଦୃଷ୍ଟିକୋଣ ନିହିତ ଅଛି ଓ ଦୁହେଁ ସର୍ବଦା ଗଠନଶୀଳତା ଉପରେ ଗୁରୁତ୍ୱ ଦେଉଥିଲେ ।

ଅଭୀପ୍‌ସା, ପ୍ଲଟ ନଂ. ୧୦୨, ଶହୀଦନଗର,
ଭୁବନେଶ୍ୱର-୭, ଦୂରଭାଷ- ୯୪୩୭୨୨୭୮୨୦

# ସଂଶୟ

ଶକୁନ୍ତଳା ବଳିଆର ସିଂହ

ମାତା, ନିୟତିର ଏହା କିପରି ବିଡ଼ମ୍ବନା ? ମୋ କର୍ଣ୍ଣ କଣ ଶୁଣୁଛି ? ଏହିପରି ହୃଦୟବିଦାରକ ବାଣୀ ଶ୍ରବଣ ନିମନ୍ତେ ଏଠାକୁ ଆସିଥିଲି ? 'ସୀତା ନିଜ ଶୁଦ୍ଧତାର ପ୍ରମାଣ ଦେଇ ମୋ ମଥାର କଳଙ୍କ ପୋଛି ଦିଅନ୍ତୁ । ହାୟରେ ଦୈବ ବିଧାତା । କିପରି ଉଚ୍ଚାରଣ କରିପାରିଲେ ଏ ବାଣୀ ! ଏହା କଣ ମୋର ସ୍ୱାମୀ, ମୋ ଅନ୍ତରର ଦେବତା ଏହା କହିଛନ୍ତି ? ସତେ କଣ ମହର୍ଷି ବାଲ୍ମିକୀଙ୍କ ଶପଥ ବାକ୍ୟ ଶ୍ରବଣାନ୍ତେ ମୋ ଆର୍ଯ୍ୟପୁତ୍ର କହିବାକୁ ସାହସ କରିଛନ୍ତି । "ହେ ପିତା, ମୁଁ ମାନୁଛି ଆପଣଙ୍କ ପୁତ୍ରବଧୂ ସୀତେ ଆମ୍ଭମାନଙ୍କ ଚକ୍ଷୁସମ୍ମୁଖରେ ଲଙ୍କାର ବେଳାଭୂମିରେ ଥରେ ଅଗ୍ନିରେ ଝାସ ଦେଇ ସ୍ୱୀୟ ବିଶୁଦ୍ଧତାର ପ୍ରମାଣ ଦେଇସାରିଛନ୍ତି । ହେଲେ ଅଯୋଧ୍ୟାର ପ୍ରଜାକୁଳ ଯେ ମୋର ପୁତ୍ର ସମାନ, ସେମାନେ ରାବଣର ଦୁଷ୍ଟ ସ୍ୱଭାବ ବିଷୟ ଶୁଣିଛନ୍ତି । ସେଥିପାଇଁ ତାହାର ଆଚରଣକୁ ବିଶ୍ୱାସ କରୁନାହାନ୍ତି । ଏଣୁ ସୀତା ନିଜର ସତୀତ୍ୱର ପ୍ରମାଣ ଦେଇ ପ୍ରଜାଙ୍କ ସନ୍ଦେହ ମୋଚନ କରନ୍ତୁ । ଆପଣଙ୍କ ଆଜ୍ଞା ମୋର ଶିରୋଧାର୍ଯ୍ୟ । ଦୁଇ ପୁତ୍ରଙ୍କ ସହ ତାଙ୍କୁ ମୁଁ ଆପଣଙ୍କ ଆଜ୍ଞାନୁସାର ନିଶ୍ଚୟ ଗ୍ରହଣ କରିବି ।"

ମହର୍ଷିଙ୍କ ପଶ୍ଚାତରେ ମୁଁ ଦଣ୍ଡାୟମାନା । ସ୍ପଷ୍ଟ ମୋ କର୍ଣ୍ଣରେ ଧ୍ୱନିତ ହେଲା ମହର୍ଷି ବାଲ୍ମୀକିଙ୍କ ଜଳଦଗମ୍ଭୀର ସ୍ୱର: "ହେ ମହାବ୍ରତ ରାମ, ପୁରୁଷୋତ୍ତମ ରାମ, ସୀତା ଶବ୍ଦର ଅର୍ଥହିଁ ପାବନ, ପବିତ୍ର । ସତୀ ସୀତା ତୁମଙ୍କୁ ଦର୍ଶନ କରିବା ଦିନଠାରୁ, ତୁମ ଗଳାରେ ବରଣମାଳା ଦେବା ମୁହୂର୍ତ୍ତରୁ ତୁମ ପ୍ରାଣ ସହ ନିଜ ପ୍ରାଣ ସଂଯୁକ୍ତ କରି ଦେଇଛନ୍ତି । ନାରୀଧର୍ମ, ପତ୍ନୀଧର୍ମ କଦାଚିତ ତ୍ୟାଗ କରି ନାହାନ୍ତି । ତୁମେ ଲୋକାପବାଦକୁ ଭୟକରି ପତ୍ନୀସହ କପଟ ଆଚରଣ କରିଅଛ । ତାଙ୍କୁ ନଜଣାଇ ନିର୍ବାସିତ କରିଅଛ । ଏତାଦୃଶ ଆଚରଣର ଆବଶ୍ୟକତା ନଥିଲା । ତୁମେ ଜାଣ ଏହି ଅପବାଦ ଭିତ୍ତିହୀନ । ତଥାପି ଏଥିରୁ ତୁମେ ତୁମର ଓ ତୁମ ପତ୍ନୀର ମୁକ୍ତି ଚାହୁଁଛ । ଠିକ୍ ଅଛି, ସମସ୍ତଙ୍କ ମନରେ ନିଜ ଚରିତ୍ରର ଶୁଦ୍ଧତା ସଂପର୍କରେ ବିଶ୍ୱାସ ଜନ୍ମାଇବା ନିମନ୍ତେ ସୀତା ସ୍ୱୟଂ ଏଠାରେ ଉପସ୍ଥିତ ଅଛନ୍ତି । ମୋର ପବିତ୍ର ଆଶ୍ରମରେ ବାରବର୍ଷକାଳ ସେ ଅତିବାହିତ କରିସାରିଛନ୍ତି । ଏହି ଯମଜ ପୁତ୍ର କୁଶ ଓ ଲବ ମୋରି ଆଶ୍ରମରେ ଜନ୍ମିଛନ୍ତି । ଏ ଦୁହେଁ ତୁମରି ଔରସଜାତ ସନ୍ତାନ । ମୁଁ କେବେ ଜୀବନରେ ମିଥ୍ୟା କହିନାହିଁ, ଆଜି ମଧ୍ୟ କହୁନାହିଁ । ହେ ସୂର୍ଯ୍ୟବଂଶୀ ରଘୁକୁଳତିଳକ, ସୀତା ତୁମର ମନୋହରିଣୀ, ଏକମାତ୍ର ରାଣୀ । ଏହି ଜନକ କୁମାରୀ, ଭୌମୀ, ତ୍ରିଲୋକ ଅନୁପମା, ଉଭୟ ରୂପରେ ଆଉ ଗୁଣରେ । ଯେଉଁଭଳି ଅନ୍ତଃସତ୍ତ୍ୱା ଅବସ୍ଥାରେ ଏହି ସତୀଙ୍କୁ ଅସହାୟ ଅବସ୍ଥାରେ ଲକ୍ଷ୍ମଣ ଦ୍ୱାରା ନିର୍ବାସିତ କଲ, ତାହା ପୁଣି ଲୋକମାନଙ୍କ ମନଗଢା କଥା ଶୁଣି, ସେସବୁ ମନେ ନ ପକାଇବା ଭଲ । ଭାଗ୍ୟକୁ ମୋର ଆଶ୍ରମ ନିକଟରେ ଥିଲା । ଲକ୍ଷ୍ମଣ ଗଙ୍ଗା ପାର କରାଇ ମୋ ମାଆକୁ ଆଶ୍ରମ ନିକଟରେ ଛାଡ଼ି ଆସିଥିଲେ ।

ହେ ରାମ, ରଘୁକୁଳତିଳକ, ଦଶରଥ ନନ୍ଦନ, ଯେତ ପରମ ସାଧବୀ, ଭୂମିସୁତା, ତାର ଗୁଣ ମୋତେ ଜଣା । ମୁଁ ଆଜନ୍ମ ବ୍ରହ୍ମଚାରୀ, ଜନ୍ମରୁ ତପସ୍ୟା କରିଆସୁଛି । ସେଦିନ ଗଙ୍ଗାରୁ ସ୍ନାନସାରି ଆଶ୍ରମକୁ ବାହୁଡ଼ିବା ବେଳେ ବ୍ୟାଧ ଶରରେ ପୁରୁଷ କ୍ରୌଞ୍ଚ ପକ୍ଷୀର ନିଧନ ଆଉ କ୍ରୌଞ୍ଚିର କରୁଣ କ୍ରନ୍ଦନ ମୋର ହୃଦୟକୁ ଶୋଣିତ କ୍ଷରିତ କରିଥିଲା । ଶୋକାତୁର ହୋଇ ପଡ଼ିବାରୁ ଗୋଟିଏ ଶ୍ଳୋକ ତତ୍‌କ୍ଷଣାତ୍ ମୋ ଅବରୁଦ୍ଧ କଣ୍ଠରୁ ବାହାରି ଆସିଲା –

"ମା ନିଷାଦ ! ପ୍ରତିଷ୍ଠାଂ ତ୍ୱମଗମଃ ଶାଶ୍ୱତୀଃ ସମାଃ,
ଯତ୍ କୌଞ୍ଚମିଥୁନାଦେକମବଧୀ କାମମୋହିତମ୍" ।

ତାପରେ ମୋ ଦୃଷ୍ଟିରେ ଦିବ୍ୟତ୍ୱର ଅଂଜନ ବୋଳି ହୋଇଗଲା । ସେତିକି ବେଳକୁ ମାଆ ମୋର ଆଶ୍ରମରେ ପାଦ ଥାପି ସାରିଥାନ୍ତି । ମୁଁ ତତ୍‌କ୍ଷଣାତ୍ ଦେଖି ପାରିଥିଲି ଯେ ସୀତା ହିଁ ସତୀ, ଏ ସଂସାରୁ ବାହାର ସତୀ, ନିଷ୍କଳଙ୍କ ବିଶୁଦ୍ଧ ଚରିତ୍ରର ଅଧିକାରିଣୀ । ତାଙ୍କୁ ଆଶ୍ରମରେ ରଖାଇ ମୁଁ ତାଙ୍କରି ଜୀବନର କଥା ଓ ବ୍ୟଥାମାନଙ୍କ ବର୍ଣ୍ଣନାରେ ଧ୍ୟାନ ଦେଲି । ଏହା ଦ୍ୱାରା ତୁମର ଜୀବନ କଥା ଲିପିବଦ୍ଧ ହୋଇ ପାରିବ । ହେ ରାମ, ତୁମ

ପରି ଆଉ ଜଣେ କରୁଣାମୟ, ଭାବଗ୍ରାହୀ, ପ୍ରଜାବତ୍ସଳ ରାଜା ଭାରତବର୍ଷ ଭବିଷ୍ୟତରେ ପାଇବନାହିଁ ମୁଁ ଜାଣେ । ଏହା ମଧ୍ୟ ଜାଣେ ଯେ ମାତା ସୀତା ତୁଲ୍ୟ ପବିତ୍ର ସତୀ, ଦୟାର୍ଦ୍ରହୃଦୟା, ଅନୁଭବୀ, ପ୍ରତିପ୍ରାଣା, ପ୍ରେମମୟୀ, ପିତୃ-ମାତୃ, ଶାଶୁ-ଶଶୁର ଭକ୍ତ, କନିଷ୍ଠଙ୍କ ପ୍ରତି ସ୍ନେହମୟ, କଲ୍ୟାଣମୟୀ ବୀରାଙ୍ଗନା ଆଉ ଜଣେ ନାରୀ ଏହି ଭୂଖଣ୍ଡରେ ଜନ୍ମ ଲଭିବେ ନାହିଁ । ମୋ ମାଆକୁ ଚରିତ୍ରହୀନା ବା ଦୁଶ୍ଚରିତ୍ରା କହି ଦୋଷ ଦେବା କେବଳ ଅପରାଧ ନୁହେଁ ରାମ, ପରମ ପାପ ମଧ୍ୟ । ଶୋରିଷ ପ୍ରମାଣ ଦୋଷ ତାଙ୍କ ଚରିତ୍ରରେ ଥିଲେ ତାହା ସର୍ବ ପ୍ରଥମେ ମୁଁ ହିଁ ଦେଖିପାରିଥାନ୍ତି ରାମ । ଯେଉଁ ଅବସ୍ଥାରେ ଲକ୍ଷ୍ମଣ ତାଙ୍କୁ ବନ ମଧ୍ୟରେ ଛାଡ଼ି ଆସିଥିଲେ, ଆଉ ଯେଉଁଠାରୁ ବିଳାପ କରୁଥିବା ଏହି କ୍ରନ୍ଦନରତାଙ୍କୁ ମୁଁ ଆଶ୍ରମବାସିନୀ ମାନଙ୍କ ସହାୟତାରେ ଆଶ୍ରମକୁ ଆଣିଲି, ସେତେବେଳେ ସେ ଥିଲେ ଏକାନ୍ତ ଅସହାୟା ଆଉ ଅର୍ଦ୍ଧମୂର୍ଚ୍ଛିତା । ତାଙ୍କ ଚରିତ୍ରର କୌଣସି ଦୁର୍ବଳତା ମୋ ଆଖିରୁ କଦାଚିତ୍ ଲୁଚି ରହିପାରିନାଥାନ୍ତା । ନା, ରାମ, ସୂର୍ଯ୍ୟବଂଶ ତିଳକ ଶୁଣ, ମୋର ସମସ୍ତ ତପସ୍ୟାର ସଞ୍ଚିତ ପୁଣ୍ୟଫଳ ନାମରେ, ଏଠାରେ ସମବେତ ଜନତା ସମ୍ମୁଖରେ ଶପଥ କରି କହୁଅଛି, ତ୍ରିବାର ସତ୍ୟକରି, ଶହେବାର ସତ୍ୟକରି କହୁଅଛି, ସୀତା ସ୍ୱୟଂହିଁ ସତୀତ୍ୱ । ତାଙ୍କ ଗର୍ଭଜାତ ଏହି ଦୁଇ ପୁତ୍ରସନ୍ତାନ, କୁଶ ଓ ଲବ ତୁମରି ଔରସ ଜାତ । ମୁଁ ଯଦି ମିଥ୍ୟା କହୁଥାଏ, ଜାନକୀ ଚରିତ୍ରରେ ଯଦି ସାମାନ୍ୟତମ ଦୋଷ ଥାଏ, ତାହେଲେ ମୋ ଯେତେକ ସୁକୃତ ସବୁ କ୍ଷଣକରେ ନାଶ ହୋଇଯିବ । ସତୀ ଶିରୋମଣି ହେଉଛନ୍ତି ଏହି ବସୁଧାତନୟା । ତାଙ୍କ ଅମୂଲ୍ୟ ପ୍ରତୀମ ସୁଗୁଣାବଳୀ ଜାଣି ତାଙ୍କୁ ଆଶ୍ରମରେ ସ୍ଥାନ ଦେଇଥିଲି ରାମ, ତଦ୍ୱାରା ଆଦର୍ଶ ନାରୀତ୍ୱର ପ୍ରତିଷ୍ଠା ହେବ ଏ ଭୂଖଣ୍ଡରେ । ତୁମର ପ୍ରାଣଠାରୁ ଅଧିକପ୍ରିୟ ବୈଦେହୀ, ସାରା ନାରୀଜଗତର ଶ୍ରଦ୍ଧା, ସମ୍ମାନରେ ସମ୍ମାନିତା । ସମସ୍ତଙ୍କର ପ୍ରିୟସେ । ଜାଣ ରାମ, ଆଜି ସୀତା ଆଶ୍ରମ ଛାଡ଼ି ଆସିଛନ୍ତି ଆଉ ସେହି ମୁହୂର୍ତ୍ତରୁ ମୋର ଆଶ୍ରମ ଶ୍ରୀହୀନ ହୋଇଯାଇଛି । ତୁମେ ଏସବୁ ଭଲଭାବେ ଜାଣ । ତୁମେ ଅନ୍ତର୍ଯ୍ୟାମୀ, ତୁମକୁ କେଉଁକଥା ଅଜ୍ଞାତ । ମୁଁ ମଧ୍ୟ କାହିଁକି ସୀତା 'ଚିରଶୁଦ୍ଧା' ବୋଲି ବାରମ୍ବାର କହୁଅଛି । ତାଙ୍କୁ ଅପବିତ୍ରତା ଆଦୌ ସ୍ପର୍ଶ କରିନାହିଁ । ତୁମେ ଜନମୁଖରୁ ତାଙ୍କର ଅପବାଦ ଶୁଣି ବିଚଳିତ ହୋଇ ଯାହା ତାଙ୍କୁ ପରିତ୍ୟାଗ କରିଅଛ । ଏହାଦ୍ୱାରା କୁଶ ଓ ଲବ ଏହି ବାରବର୍ଷ ମଧ୍ୟରେ ମୋର ସମସ୍ତ ଅସ୍ତ୍ର, ଶସ୍ତ୍ର, ପୁରାଣ, ଯୁଦ୍ଧବିଦ୍ୟା, ହୋମ, ଅଲୌକିକତା, ସମାଜ ଜ୍ଞାନ, ଇତ୍ୟାଦି ପ୍ରାପ୍ତ ହୋଇଛନ୍ତି । ମୋ ନିଜ ପାଖରେ କିଛି ମୁଁ ରଖିନାହିଁ. ମୋର ସର୍ବସ୍ୱ କୁଶ ଲବଙ୍କୁ ଦେଇଦେଇଛି । ଏବେ ତ ଆଉ ସେହି ପରିସ୍ଥିତି ବା ଲୋକପବାଦ ନାହିଁ, ଏବେ ରଘୁକୁଳ ସାଇଁ, ତୁମ ପ୍ରାଣପ୍ରିୟା ପତ୍ନୀର ଦୁଇଭୁଜ ଧରି ଯଜ୍ଞସ୍ଥଳୀକୁ ନେଇଯାଅ ।"

ମହର୍ଷିଙ୍କ ମହତ୍‌ବାକ୍ୟ ଶ୍ରବଣ କରି ତାଙ୍କ ପାଦତଳେ ମଥାନତ କରିଦେବାକୁ ବାରମ୍ବାର ମୋ ଭିତରେ ଉତ୍ସାହ ଆସୁଥାଏ । ମାତ୍ର ଏତେ ମୁନିଋଷି, ରାଜା ପାରିଷଦ, ଯକ୍ଷ, ରକ୍ଷ, ବାନର, ଅସୁର, ଦେବତାଙ୍କ ଉପସ୍ଥିତିରେ ପାଦ ଦୁଇଟି ମୋର ଭୂମିରେ ପୋତି ହୋଇଯାଇଥିବା ପରି ଲାଗୁଥାଏ । ମହର୍ଷିଙ୍କ ମୁଖରୁ ନିଜ ସଂବଧେ ଏତେ ସୁନ୍ଦର କଥା ଶୁଣି ଆନନ୍ଦ ସାଗରରେ ହୃଦୟ ପୋତ ମୋର ନୃତ୍ୟ କରୁଥାଏ । ଦୀର୍ଘ ବାରବର୍ଷଧରି ଏଭଳି ଖୁସି ମୁଁ ଲାଭ କରିନଥିଲି, ବରଂ ଦୁଃଖରେ ମ୍ରିୟମାଣ ଥିଲି । ଆଜି ମୋର ପ୍ରାଣବଲ୍ଲଭ ମୋ ସମ୍ମୁଖରେ, ମୋର ଆଉ ଦୁଃଖ କଣ ! ଖୁବ୍ ଇଚ୍ଛା ହେଲା ଏତେ କାଳର ବିରହପରେ ସେହି ନବଦୁର୍ବାଦଳ ଶ୍ୟାମ ରୂପକୁ ଆଉଥରେ ଅବଲୋକନ କରନ୍ତି । ପୁଣି ଥରେ ଦେଖନ୍ତି ସେହି ନୀଳପଦ୍ମର ଦୁଇ ଦଳ ସଦୃଶ ନୟନଯୁଗଳ । ସେହି ନୀଳକମଳର ଦୁଇପାଖୁଡ଼ାତ ସାରାଜୀବନ ମୋ ଆଗରେ ଚାଲିଛି ଆଉ ତାକୁ ହିଁ ଦେଖି ଦେଖି ମୁଁ ଜୀବନ ଧରି ରହିଛି । ଏତେ ପ୍ରକାରର ଜୀବନ; ରାଜବାଟିକାର ଜୀବନ, ଭୟାନକ ଅରଣ୍ୟ ଜୀବନ, ମନୋରମ ଅଶୋକବାଟିକାର ଦୁର୍ବିସହ ଜୀବନ, ଆଶ୍ରମରେ ପ୍ରତ୍ୟାଖ୍ୟାତାର ବେଦନାତରୁ ଶାନ୍ତ ଜୀବନ ଆଉ ଆଜି ପୁନଶ୍ଚ ଅଯୋଧ୍ୟାର ନୈମିଷାରଣ୍ୟରେ ଚାଲିଥିବା ଯଜ୍ଞଶାଳାରେ ସେହି ନୀଳକମଳନୟନ ପ୍ରତୀକ୍ଷାରେ ପ୍ରତୀକ୍ଷିତା ସୀତା । ସେହି ହୃଦୟଶାନ୍ତକାରୀ ସୌମ୍ୟବଦନ ଦେଖିବା ନିମନ୍ତେ ତାଙ୍କ ପାଦପଦ୍ମରୁ ଦୃଷ୍ଟି ଉଠାଇ ଆଣିଲି ଧୀରେ, ସମ୍ମୋହିତା ମୁଁ..... ।

କମଳ ନୟନ ନିକଟରେ ପହଞ୍ଚିବା ପୂର୍ବରୁ ସମ୍ମୋହନ ମୋର ଭାଙ୍ଗିଗଲା କେଉଁ ଅଦୃଶ୍ୟ ବଜ୍ରପାତରେ । ମହର୍ଷି ବାଲ୍ମିକୀଙ୍କ କଥା ଶୁଣିସାରି ଦୟାଳୁ ସ୍ୱାମୀ ଅତ୍ୟନ୍ତ ବିନୟ ହୋଇ, ଦୁଇ କରଯୋଡ଼ି କହୁଥିଲେ, "ହେ ମହାମୁନି, ଆପଣଙ୍କ ଆଜ୍ଞା ଚିରକାଳ ମୋର ଶିରୋଧାର୍ଯ୍ୟ । ସୀତାଙ୍କ ସଂପର୍କରେ ଆପଣ ଯାହା କହିଲେ ଯେ ସେ ନିଷ୍ପାପ, ନିଷ୍କଳଙ୍କ, ଏକଥା ଅକ୍ଷରେ ଅକ୍ଷରେ ସତ୍ୟ,

ଏହା ମୋର ଉପଲବ୍ଧି । ଲଙ୍କା ନଗରୀରେ ଅଗ୍ନି ପରୀକ୍ଷା ଦେବାବେଳେ ଜନକ ଦୁଲଣୀଙ୍କର ସ୍ୱରୂପ ମୁଁ ଦେଖିଛି । ସୁବର୍ଣ୍ଣ ଅଗ୍ନିରେ ପୋଡ଼ି ଶୁଦ୍ଧ ହେବାପରି ଯେ ନିଜର ପୁଣ୍ୟବଳରୁ ଅଗ୍ନି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି । ଲଙ୍କାପୁରର ରାକ୍ଷସ ରାକ୍ଷସୀ ତାହା ପ୍ରତ୍ୟକ୍ଷ କରି ନିଜକୁ ଧନ୍ୟ ମନେକରିଛନ୍ତି । କୁଶ ଏବଂ ଲବ, ଯମଜପୁତ୍ର ଦ୍ୱୟ ମୋ ଶରୀରର ଅଂଶ ବିଶେଷ, ଏହା ମୁଁ ଉଭୟଙ୍କର ମାତୃଗର୍ଭରେ ଅଭିଷେକ ଦିନରୁ ଜାଣେ । ହେ ମୁନିବର, ଏପୁତ୍ର ଦୁଇଟି ମୋର, ଏହା ମୁଁ ସାନନ୍ଦ ସ୍ୱୀକାର କରୁଅଛି । ମାତ୍ର ମୋର ପ୍ରଜାମାନେ ଏହାର ବିନ୍ଦୁ ବିସର୍ଗ ଜାଣନ୍ତି ନାହିଁ । ତାହା ହିଁ ଭାଳୁଛି । ହେ ତପୋଧନ, ଆପଣ କହନ୍ତୁ, ଅଯୋଧ୍ୟାର ପ୍ରଜାକୁଳ କିପରି ସୀତେଙ୍କୁ ପ୍ରତେ ଯିବେ ଆଉ ତାହା ଯେ ମୋତେ ଅତ୍ୟନ୍ତ ସନ୍ତୁଷ୍ଟ କରିବ ଏପରି ଭାବିବା କଣ ମୋର ଭୂଲ ? ମହାସତୀ ଯଦି ସର୍ବ ଜନ ସମ୍ମୁଖରେ ଆଉଥରେ ପରୀକ୍ଷା ଦିଅନ୍ତି, ତେବେ ମୋହର ମନ ଆନନ୍ଦିତ ହୋଇଯିବ । ତାଙ୍କର କୀର୍ତ୍ତି ଦଶ ଦିଗରେ ବ୍ୟାପିଯିବ । ତିନିପୁରରେ ଶୁଭିବ ଜନକ କୁମାରୀ ପରମ ସାଧବୀ । ଏବେ ଏହି ନୈମିଷ୍ୟାର ସିଂହଦ୍ୱାର ସମ୍ମୁଖରେ ସେ ପରୀକ୍ଷା ଦିଅନ୍ତୁ । ହଁ, ମୁନିଶ୍ରେଷ୍ଠ ! ମୁଁ ଲୋକ ଅପବାଦକୁ ଭୟ କରୁଅଛି । ଜନ ମୁଖରେ ଯଶହାନି ହେବ, ତାହାକୁ ଭୟ କରୁଅଛି । ପରମ ସାଧବୀକୁ ପ୍ରଜାଏ ସଂଶୟାକୂଳ ଦୃଷ୍ଟିରେ ଦେଖିବେ, ତାହାକୁ ଭୟ କରୁଅଛି । ବହୁତ ପ୍ରକାର ଭୟରେ ଆକ୍ରାନ୍ତ ମୋର ପ୍ରାଣ । ତାହେଲେ ସମସ୍ତଙ୍କ ସମ୍ମୁଖରେ ସୀତା ନିଜ ଚରିତ୍ର ଶୁଦ୍ଧତାର ପ୍ରମାଣ ଜନ ସମ୍ମୁଖରେ ରଖନ୍ତୁ । ମୁଁ ଜାଣେ ତାର ଶରୀର ଅତ୍ୟନ୍ତ ତପୋବନ୍ତ । ମୋର ଆଉ ତାର ଶରୀର ଭିନ୍ନ ନୁହେଁ । ତଥାପି ତିନିପୁର ଲୋକ ଏଠାରେ ନୈମିଷ୍ୟାବନରେ ତାର ପରୀକ୍ଷା ଦେଖନ୍ତୁ । ଏହା ହିଁ ମୋର ଆନ୍ତରିକ ଇଚ୍ଛା”

ମୁଁ ବୁଝିପାରୁନଥିଲି କମଳ ନୟନ ଏକଣ ସବୁ ପ୍ରଳାପ କରିଯାଉଛନ୍ତି । ଅଗ୍ନି କଣ ଏକ ଖେଳଘର ? ଅଗ୍ନିଦେବ କଣ ମନୁଷ୍ୟ ହାତର କ୍ରୀଡ଼ନକ ? ସ୍ୱାମୀ କଣ ଭୁଲିଗଲେ ଅଗ୍ନିସ୍ୱୟଂ ପରମେଶ୍ୱର ବୋଲି ? ସକଳ ଐଶ୍ୱର୍ଯ୍ୟଶାଳୀ ସର୍ବଶକ୍ତିମାନ ବୋଲି ?

ବେଦର ପାରମ୍ଭରେ ଅଗ୍ନିଙ୍କୁ ସମ୍ମାନର ସହିତ ଆବାହନ କରାଯାଇ ନାହିଁ କି ?

ଅଗ୍ନିମୀଡେ ପୁରୋହିତଂ ଯଜ୍ଞସ୍ୟ ଦେବମୃତ୍ୱିଜମ୍
ହୋତାରଂ ରତ୍ନଧତମମ୍ ( ୧ )

(ଋଗ୍‌ବେଦ ୧ମ ମଣ୍ଡଳ, ପ୍ରଥମ ସୂକ୍ତମ)

ପରମେଶ୍ୱରଙ୍କ ସର୍ବୋତ୍ତମ ନାମ ଓଁ । ଓଉମ । ଏଇଥିରେ ପରମଶ୍ୱେରଙ୍କର ବହୁତନାମ ନିହିତ ଅଛି । ସେ ସମସ୍ତ ନାମ ତାଙ୍କ ଗୁଣକୁ ହିଁ ପ୍ରତୀକିତ କରାଏ ।

ଅଗ୍ନି ଅର୍ଥାତ ସର୍ବାଗ୍ରେ ଯେ ଗମନ କରନ୍ତି । ତ୍ରିତାପ ଅର୍ଥାତ ଆଧ୍ୟାତ୍ମିକ, ଆଧିଭୌତିକ ଓ ଆଧିଦୈବିକ ତାଠାରୁ ରକ୍ଷାକରନ୍ତି । ରାଗ, ଦ୍ୱେଷ, ଅବିଦ୍ୟା, ଶତ୍ରୁ, ବ୍ୟାଘ୍ର, ସର୍ପାଦିଙ୍କ ଭୟ ଏବଂ ଅତିବୃଷ୍ଟି, ଅନାବୃଷ୍ଟି, ଅତିଶୀତ, ଅତି ଉଷ୍ମ ଆଦିରୁ ସୁରକ୍ଷା ଦିଅନ୍ତି । ସେହି ଓଁ, ପରମେଶ୍ୱର, ଅଗ୍ନି । ସେଥିପାଇଁ ହିଁ ତାଙ୍କୁ ସର୍ବ ପ୍ରଥମେ ପ୍ରଣାମ କରାଯାଏ । ଅଗ୍ନି ଅଗ୍ରଣୀ, ତାଙ୍କୁ ଇଶ୍ୱର କୁହ ବା ଅଗ୍ନିକୁହ, ତାହାଙ୍କ ଠାରୁ ଉତ୍ତମ କେହି ହୋଇପାରେ କି ? ଯାହାଙ୍କର ନାମ ଓଁ, ଯେ କେବେ ମଧ୍ୟ ନଷ୍ଟ ହୁଅନ୍ତି ନାହିଁ, ସେ ତ ସମସ୍ତଙ୍କ ଉପାସନାର ଯୋଗ୍ୟ, ସେ ସର୍ବମାନ୍ୟ ।

ସୂକ୍ଷ୍ମରୁ ସୂକ୍ଷ୍ମତର ସେ ଆମ ସମସ୍ତଙ୍କ ଶିକ୍ଷାଦାତା, ଗୁରୁ । ବାରମ୍ବାର ତାଙ୍କୁ ଆବାହନ କରି ତାଙ୍କ ମଧ୍ୟରେ ପ୍ରବେଶ କରିବି ଏବଂ ବାହାରି ଆସିବି ? ସୁପ୍ରକାଶ ହେତୁ ତାଙ୍କ ନାମ ଅଗ୍ନି । ଆବଶ୍ୟକ ସ୍ଥଳେ ‘କାଳ’ର ମଧ୍ୟ ସେ କାଳ ହୋଇପାରନ୍ତି ଆଉ କାଳାଗ୍ନି ନାମ ନେଇପାରନ୍ତି । ଏହି ପରମପୁରୁଷଙ୍କ ସହ ମୁଁ ଖେଳିପାରିବି ? ଏଭଳି ଦୁଃସାହାସ କରିପାରିବି ?

ଏହି ପରମେଶ୍ୱର ଥରେ ମୋତେ ଲଙ୍କାରେ କୋଳେଇ ନେଇ ଲୁଚାଇ ଦେଇଥିଲେ । ସେ ଅଗ୍ନି, ସେ ଶିବ ଅର୍ଥାତ ମଙ୍ଗଳମୟ । ସର୍ବଜ୍ଞ, ବ୍ୟାପକ, ଶୁଦ୍ଧ, ସନାତନ ଆଦି ଗୁଣ ତାଙ୍କର ଅଛି । ଅଗ୍ନିଙ୍କୁ ପ୍ରାର୍ଥନା ଅର୍ଥ ଇଶ୍ୱରଙ୍କୁ ପ୍ରାର୍ଥନା ।

ଅଗ୍ନି ଯଜ୍ଞ ରୂପରେ ସମସ୍ତ ବିଦ୍ୱାନ ଲୋକଙ୍କଦ୍ୱାରା ପୂଜିତ ହୁଅନ୍ତି, ସେ ସର୍ବବ୍ୟାପକ । ସ୍ୱାମୀ ସନ୍ତୁଷ୍ଟ ହେବେ, ତ୍ରିଲୋକରେ ମୋର ସତୀତ୍ୱର ଜୟଗାନ ଶୁଣି ସେ ଆନନ୍ଦିତ ହେବେ, ଆଉ ସେଥିପାଇଁ ମୁଁ ମାର୍ଗଦର୍ଶକ ମଙ୍ଗଳମୟଙ୍କୁ ଆହ୍ୱାନ କରିବି । ସମଗ୍ର ଚରାଚର ଜଗତକୁ ସେ ନିଜ ଭିତରେ ରଖନ୍ତି, ଗ୍ରହଣ କରନ୍ତି, ଯେ ଜୀବକୁ ହୋତା ରୂପରେ ଦାନଯୋଗ୍ୟ ପଦାର୍ଥମାନ ଦିଅନ୍ତି

ପୁଣି ଗ୍ରହଣୀୟ ପଦାର୍ଥ ଜୀବମାନଙ୍କ ଠାରୁ ଗ୍ରହଣ କରନ୍ତି ସେହି ପୁରୋହିତଙ୍କୁ ମୁଁ ଆବାହନ କରିବି ?

ନା, ଏହି ଦୟାଳୁ ପରମେଶ୍ୱର ଅଭୟପ୍ରଦାନକାରୀ । ସତ୍ୟାସତ୍ୟ ସକଳ ବିଦ୍ୟା ସେ ଜାଣନ୍ତି, ସର୍ବଜ୍ଞାତା । ସଜ୍ଜନଙ୍କୁ ସେ ରକ୍ଷାକରନ୍ତି ମୁଁ ଜାଣେ, ତଥାପି ସ୍ୱାମୀଙ୍କ ମନସନ୍ତୋଷପାଇଁ ତାଙ୍କୁ ଡ଼ାକି ପାରିବି ନାହିଁ ।

ସ୍ୱାମୀଙ୍କ ଆଦେଶରେ ସୁମନ୍ତ ସାରା ନଗରରେ ଏହି ଘୋଷଣା କରିବାକୁ ବାହାରିଗଲେ ଯେ, "ଶ୍ରୀରାମଙ୍କ ରାଣୀ ଆଜି ପରୀକ୍ଷା ଦେବେ ।"

ମୁଁ ଚାରିପଟକୁ ଆଖି ବୁଲାଇଲି । ଖୋଜୁଥିଲି ମୋର ଶାଶୂମାନଙ୍କୁ । କାହାନ୍ତି ସେ କରୁଣାମୟୀ ପ୍ରେମଶୀଳାମାନେ । ଖୋଜୁଥିଲି ମୋର ପ୍ରିୟ ଭଗିନୀ ଉର୍ମିଳା, ମାଣ୍ଡବୀ ଓ ଶତୃକୀର୍ତ୍ତିଙ୍କୁ । କେଉଁଠାରେ ମୋର ପ୍ରିୟ ଦେବର ଲକ୍ଷ୍ମଣ, ଭରତ ଓ ଶତୃଘ୍ନଙ୍କ ପତ୍ନୀମାନେ ? ମୋତେ ଦେଖିବାକୁ ସେମାନେ କଣ ଅନ୍ତଃପୁରରୁ ଆସି ନାହାନ୍ତି ? ଗୋଟାଏ ଯୁଗ ପରେ ମୁଁ ପ୍ରିୟ ଅଯୋଧ୍ୟାନଗରୀରେ ପୁନଃ ପାଦ ଥାପିଛି ଅଥଚ ମୋର ଶାଶୂ ଓ ଜାଆମାନେ ଅନୁପସ୍ଥିତ । ମୋତେ କଣ ମୋର ଆତ୍ମୀୟବର୍ଗ ପାଶୋରି ଦେଇଛନ୍ତି ? ଏତେ ଶୀଘ୍ର ସେମାନେ ମୋତେ ଭୂଲିଗଲେ ? ସଂସାର କଣ ଏଭଳି ଅନିତ୍ୟ ! ମିଛ ମାୟାର ସଂସାର !

ଅଦ୍ଭୁତ ଅବସାଦରେ ମୋର ହୃଦୟ ଭାରାକାନ୍ତ ହୋଇଗଲା । କଷାୟବସନ ପରିଧାନ କରି କୃତାଞ୍ଜଳିପୁଟରେ ଆଧୋବଦନରେ ଚୁପ ହୋଇ ଛିଡ଼ା ହୋଇଥିଲି । ଅବସାଦଗ୍ରସ୍ତ ହୋଇ ହଠାତ୍ ଅନୁଭବ କଲି ଯେପରି ମୁଁ ଆଉ କେଉଁଠାରେ ଅଛି । ଆକାଶ, ଦିଗବଳୟ ଯେପରି ଏକତ୍ରିତ ହୋଇ ଚକ୍ରାକାରରେ ଘୂରୁଥିଲା । ନିଜର ସ୍ଥିତି ମୁଁ ଭୂଲିଗଲି । ଚିନ୍ତାର ପ୍ରତିକୂଳ ସ୍ରୋତରେ ଭାସିଗଲି ଦୂର ବହୁଦୂର... ବହୁଦୂର... ସେହି ଉଦ୍‌ଭବ ଦିନଟି..... ।

ଶତଭିଷା, ଶହିଦ୍ ନଗର, ଭୁବନେଶ୍ୱର

# ନାରୀଶକ୍ତି ଓ ଏହାର ରୂପରେଖ

ଆକାଶ କୁମାର ଭୋଳ

**ତା**ଜମହଲର ସୌନ୍ଦର୍ଯ୍ୟ କଥା ଆମେ ଯେତେବେଳେ ଆଲୋଚନା କରୁ ସେତେବେଳେ ତାଜମହଲ ପଛର କରୁଣ କାହାଣୀକୁ ପ୍ରାୟତଃ ଭୁଲି ଯାଇଥାଉ । ପ୍ରସବ ଜନିତ ଜଟିଳତାରୁ ଶାହାଜାହାନଙ୍କ ପତ୍ନୀ ମମତାଜ ମହଲଙ୍କ ମୃତ୍ୟୁ ହୋଇଥିଲା । ପ୍ରାଣପ୍ରିୟା ମମତାଜଙ୍କ ସ୍ମୃତିରେ ସେ ନିର୍ମାଣ କରିଥିଲେ ତାଜମହଲ । ଠିକ ସେହି ସମୟର ସୁଇଡେନର ଘଟିଥିବା ଘଟଣାଟିଏ ହେଲା; ସୁଇଡେନର ରାଣୀ ସେ ସମୟରେ ପ୍ରସବ ଜନିତ ଜଟିଳତା ଭୋଗୁଥିଲେ । ତେବେ ସେଠାର ରାଜା ଫରାସୀ ଡାକ୍ତରଙ୍କୁ ଡାକି ରାଣୀଙ୍କୁ ସୁସ୍ଥ କରିବାରେ ସଫଳ ହୋଇଥିଲେ । ଏହାପରେ ରାଜା ନିଜ ଦେଶରେ ଏକ ନର୍ସିଂ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା କରିଥିଲେ । ଏହି ଅନୁଷ୍ଠାନ ମାଧ୍ୟମରେ ମହିଳାମାନଙ୍କୁ ପ୍ରସବ ଜନିତ ଜଟିଳତାରୁ ରକ୍ଷା କରିବାକୁ ମହିଳାମାନଙ୍କୁ ତାଲିମ ଦେବାର ବ୍ୟବସ୍ଥା କରିଥିଲେ । ଜଣାଯାଇଛି ଯେ ଏବେ ସ୍ୱିଡେନରେ ଶିଶୁ ଓ ମାତୃମୃତ୍ୟୁହାର ବିଶ୍ୱରେ ସବୁଠୁ କମ୍ । ଏଠାରେ ଏ କଥା ଉଲ୍ଲେଖ କରିବାର ଉଦ୍ଦେଶ୍ୟ ହେଲା, ମହିଳାଙ୍କ ବାସ୍ତବ ସମସ୍ୟାକୁ ଆମେ ଅନେକ ସମୟରେ ଭୁଲି ଯାଇଥାଉ । ଫଳରେ ସମସ୍ୟା ଅନେକ ସମୟରେ ସଂକଟଜନକ ହୋଇପଡ଼େ ।

ଭାରତର ସଂସଦରେ ମହିଳାଙ୍କ ପ୍ରତିନିଧିତ୍ୱ ଏ ପର୍ଯ୍ୟନ୍ତ ଶତକଡ଼ା ଦଶ ଭାଗରୁ ଅଧିକ ହୋଇନାହିଁ । ମହିଳାମାନଙ୍କ ପାଇଁ ଉପଯୁକ୍ତ ନିଯୁକ୍ତିର ଅଭାବ, ଘରକାମରେ ଅତ୍ୟଧିକ ଚାପ, ପାରମ୍ପରିକ ବିଶ୍ୱାସ, କୁସଂସ୍କାର ଏବଂ ସଂପତ୍ତି ଉପରେ ମହିଳାଙ୍କ ନିୟନ୍ତ୍ରଣର ଅଭାବ ଆଦି ବିଷୟ ସେମାନଙ୍କୁ ଦୁର୍ବଳ କରିରଖିଛି । ଗୋଟିଏ ପରିବାରର ଯେତେ କାମ ମହିଳା ଜଣକ ତୁଲାଇଲେ ମଧ୍ୟ ତାହାର ମୂଲ୍ୟାୟନ କେହି କରନ୍ତି ନାହିଁ । ସର୍ବାଧିକ ପରିଶ୍ରମ କରି ବି ଆର୍ଥିକ ଦୃଷ୍ଟିରୁ ସେ ସବଳ ହୋଇପାରେନାହିଁ । ମହିଳାଙ୍କର ଏହି ଶ୍ରମକୁ ସମ୍ମାନ ଦେବାତ ଦୂରର କଥା ଏହା ତା'ର ଦାୟିତ୍ୱ କହି ସର୍ବଦା ଅଣଦେଖା କରାଯାଇଥାଏ । ଜାତିସଂଘରେ ଆନ୍ତର୍ଜାତୀୟ ମହିଳା ଦିବସ ଅବସରରେ ୧୯୮୫ରେ ପ୍ରକାଶିତ ଏକ ରିପୋର୍ଟ ମୁତାବକ ସାରା ପୃଥିବୀରେ କର୍ମୀମାନଙ୍କ ମଧ୍ୟରେ ଏକ ତୃତୀୟାଂଶ ହେଉଛନ୍ତି ନାରୀ । ତେବେ ସମସ୍ତ କାମ ଦାମ ସମୟରେ ଦୁଇ ତୃତୀୟାଂଶ ସମୟ ସେମାନଙ୍କ ଦ୍ୱାରା ହିଁ ବିନିଯୋଗ ହୋଇଥାଏ । ସମୁଦାୟ ଆୟର ମାତ୍ର ୧୦ ଶତକଡ଼ା ସେମାନଙ୍କୁ ମିଳିଥାଏ । ଏପରିକି ସମଗ୍ର ବିଶ୍ୱର ସଂପତ୍ତିର ମାତ୍ର ଏକ ଶତକଡ଼ା ଅଧିକାରୀ ମହିଳାମାନେ ଅଟନ୍ତି । ଜାତିସଂଘର ଏଇ ରିପୋର୍ଟ ମହିଳାଙ୍କ ପ୍ରତି ଅବିଚାର କଥାକୁ ସ୍ପଷ୍ଟ କରିଛି । ୨୦୦୧ ଜନଗଣନାରୁ ଶୂନରୁ ୫ ବର୍ଷ ଶିଶୁଙ୍କ କ୍ଷେତ୍ରରେ ଲିଙ୍ଗ ଅନୁପାତ ହ୍ରାସ ଘଟିବା ଜଣାପଡିବା ପରେ ରାଜ୍ୟସ୍ତରରେ ଅନେକ ଯୋଜନା ପ୍ରଣୟନ ହୋଇଥିଲା । ପୁଣି କେତକ ଯୋଜନାକୁ ପରିବର୍ତ୍ତନ ମଧ୍ୟ କରାଯାଇଥିଲା । ଏହାଦ୍ୱାରା କନ୍ୟାସନ୍ତାନମାନଙ୍କ ପ୍ରତି ଲୋକମାନଙ୍କ ମନୋଭାବରେ ପରିବର୍ତ୍ତନ ଆଣିବା ଥିଲା ମୁଖ୍ୟ ଉଦ୍ଦେଶ୍ୟ । ତେବେ ଯୋଜନା ବା ନୀତି ପ୍ରଣୟନ ପୂର୍ବରୁ ହେଉଥିବା ସର୍ଭେରେ ମହିଳାଙ୍କ ମତାମତ ଓ ସେମାନଙ୍କ ସଂକ୍ରାନ୍ତ ସମସ୍ତ ତଥ୍ୟକୁ ସଂଗ୍ରହ କରି ସେହି ଅନୁଯାୟୀ ନୀତି ପ୍ରଣୟନର ଆବଶ୍ୟକତା ରହିଛି ।

ମହିଳାଙ୍କ ସୁରକ୍ଷା ତଥା ତାଙ୍କ ଭିତରେ ଶକ୍ତି ଓ ସାମର୍ଥ୍ୟ ବୃଦ୍ଧି ପାଇଁ ଅନେକ ଆଇନ ମଧ୍ୟ ଆସିଛି । ଅନେକ ଆଇନକୁ ସଂଶୋଧିତ କରାଯାଇଛି । ନୂଆ ନୂଆ ଯୋଜନାକୁ ସାମିଲ କରାଯାଇଛି । ଏସବୁ ପ୍ରତି ମହିଳା ସଚେତନ ରହିବା ଉଚିତ । ସଚେତନ ରହିଲେ ହିଁ ସେମାନଙ୍କ ଜୀବନକୁ ସୁଖଶାନ୍ତି ଅବଶ୍ୟ ଫେରିଆସିବ ।

**ନିର୍ଭୟା ପାଣ୍ଠି :**

ମହିଳାମାନଙ୍କ ସୁରକ୍ଷା ପାଇଁ ସରକାର ଏହି ନିର୍ଭୟା ପାଣ୍ଠି ଗଠନ କରିଛନ୍ତି । ଏଯାବତ ଦୁଇ ହଜାର କୋଟି ଟଙ୍କାର ୧୫ ଟି ପ୍ରସ୍ତାବକୁ ଏଥିରେ ଅନୁମୋଦନ ମିଳିସାରିଛି । ଏହା ମଧ୍ୟରେ ରହିଛି ୱାନ ଷ୍ଟପ୍ ସେଣ୍ଟର । ଏହାର କାର୍ଯ୍ୟହେଲା ହିଂସାର ଶିକାର ମହିଳାଙ୍କୁ ଆଇନଗତ ପରାମର୍ଶ ସହ ପୁଲିସ ସହାୟତା, ସ୍ୱାସ୍ଥ୍ୟସେବା ଯୋଗାଇଦେବା ସହ ମନସ୍ତାତ୍ତ୍ୱିକ ଓ ସାମାଜିକ ପରାମର୍ଶ ଏବଂ ସାମୟିକ ଆଶ୍ରୟ ପ୍ରଦାନ ବ୍ୟବସ୍ଥାକୁ ସୁନିଶ୍ଚିତ କରିବା । ସେହିପରି ଚବିଶ ଘଣ୍ଟିଆ ଜାତୀୟ ଗ୍ରାମୀଣ ଜୀବିକା ମିଶନ ମାଧ୍ୟମରେ ମହିଳାମାନଙ୍କୁ ଆର୍ଥିକ ସଶକ୍ତ କରିବା ସହ ଗ୍ରାମାଞ୍ଚଳରେ ଗୋଷ୍ଠୀ ସମ୍ବଳ ସୃଷ୍ଟି କରାଇବା ।

**ଇ-ହାଟ ଯୋଜନା :**

ମହିଳା ଔଦ୍ୟୋଗୀଙ୍କ ସମେତ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ସହାୟତା ପାଇଁ ଏହି ଯୋଜନା କାର୍ଯ୍ୟକାରୀ ହେଉଛି । ଡିଜିଟାଲ

ଇଣ୍ଡିଆ ଅଧୀନରେ ଏଭଳି ୱେବ୍ ଆଧାରିତ ବଜେଟ୍ ବ୍ୟବସ୍ଥା ଦ୍ୱାରା ବ୍ୟବସାୟୀ ଗୋଷ୍ଠୀ ଏବଂ ମହିଳା ଔଦ୍ୟୋଗୀଙ୍କ ସମ୍ପର୍କକୁ ଦୃଢ଼ କରାଯାଇପାରିବ ବୋଲି କୁହାଯାଉଛି ।

**ପ୍ରଧାନମନ୍ତ୍ରୀ କୌଶଳ ବିକାଶ ଯୋଜନା:**

ଏହି ଯୋଜନା ମାଧ୍ୟମରେ ମହିଳାମାନଙ୍କୁ ପ୍ରଶିକ୍ଷଣ ଦେଇ ନିଯୁକ୍ତି ସୁଯୋଗ ଯୋଗାଇ ଦେବାର ଲକ୍ଷ୍ୟ ରଖାଯାଇଛି । ଦାରିଦ୍ର୍ୟ କବଳରୁ ମହିଳାମାନଙ୍କୁ ମୁକ୍ତି ଦେବା ଏହାର ପ୍ରମୁଖ ଉଦ୍ଦେଶ୍ୟ ଅଟେ ।

**ସୁକନ୍ୟା ସମୃଦ୍ଧି ଯୋଜନା :**

କନ୍ୟା ସନ୍ତାନଙ୍କ ସୁରକ୍ଷିତ ଭବିଷ୍ୟତ ପାଇଁ ସୁକନ୍ୟା ସମୃଦ୍ଧି ଯୋଜନାର ଆରମ୍ଭ କରାଯାଇଛି । ଜୁନ ୨୦୧୬ ସୁଦ୍ଧା ଏହି ଯୋଜନାରେ ୮୭ ଲକ୍ଷ ସୁକନ୍ୟା ଖାତା ଖୋଲାଯାଇଥିବା ଜଣାଯାଇଛି । ସେହିପରି ନିଜର ପ୍ରଥମ ବ୍ୟାଙ୍କ୍ ଖାତା ଖୋଲିବା ଲାଗି ଜନଧନ ଯୋଜନା ଲକ୍ଷ ଲକ୍ଷ ମହିଳାଙ୍କୁ ସୁଯୋଗ ଦେଇଛି । ଦାରିଦ୍ର୍ୟ ଓ ଋଣରୁ ମୁକ୍ତିଦେବା ଏହାର ଉଦ୍ଦେଶ୍ୟ ଅଟେ । ୪୭ ଶତକଡ଼ା ମହିଳାଙ୍କ ନାମରେ ବର୍ତ୍ତମାନ ବ୍ୟାଙ୍କ୍ ଖାତା ରହିଥିବା ଜଣାଯାଇଛି ।

**ବେଟୀ ବଚାଓ ବେଟୀ ପଢାଓ:**

ଏହି କାର୍ଯ୍ୟକ୍ରମ ମାଧ୍ୟମରେ କନ୍ୟାସନ୍ତାମାନଙ୍କ ଭବିଷ୍ୟତ ସୁନିଶ୍ଚିତ କରିବା ପାଇଁ ପଦକ୍ଷେପ ନିଆଯାଉଛି । ଆହୁରି ମଧ୍ୟ ଏହି କାର୍ଯ୍ୟକ୍ରମ ମାଧ୍ୟମରେ  ଶିଶୁଲିଙ୍ଗ ଅନୁପାତ ହ୍ରାସ ସମସ୍ୟାର ସମାଧାନ ପାଇଁ ଚେଷ୍ଟା ଜାରି ରହିଛି । ଦୁଇବର୍ଷତଳେ କେନ୍ଦ୍ର ସରକାର ୧୦୦ କୋଟି ଟଙ୍କାର ବଜେଟ ସହିତ ଏହି ଯୋଜନାର ଶୁଭାରମ୍ଭ କରିଥିଲେ । ଯୋଜନାର ସଫଳତାକୁ ଦୃଷ୍ଟିରେ ରଖି ଏହାର ପ୍ରଥମ ଶହେଟି ଜିଲ୍ଲା ସହ ଆଉ ୬୧ ଟି ଜିଲାକୁ ସଂପ୍ରସାରିତ କରାଯାଇଛି ।

**ସ୍ୱଧାର ଓ ସର୍ଟ ଷ୍ଟେ ହୋମ:**

ଅସହାୟ ଓ ପୀଡିତ ମହିଳାଙ୍କ ସୁରକ୍ଷା ପାଇଁ ସ୍ୱଧାର ଓ ସଟ୍ ଷ୍ଟେ ହୋମ କାର୍ଯ୍ୟକ୍ରମ ରହିଛି । ପ୍ରତିକୁଳ ପରିସ୍ଥିତିରେ ପଡି ଆର୍ଥିକ ଅଭାବର ସମ୍ମୁଖୀନ ହେଉଥିବା ମହିଳା, ସ୍ୱାମୀ ପରିତ୍ୟକ୍ତା, ବିଧବା, ଜେଲ ଫେରନ୍ତା ମହିଳା, ବିଭିନ୍ନ ସମସ୍ୟାରୁ ଉଦ୍ଧାର ହୋଇଥିବା ପୀଡ଼ିତା ଏବଂ ବାସହୀନ ଭଳି ମହିଳାଙ୍କ ପାଇଁ ସ୍ୱଧାର ଯୋଜନା ପ୍ରବର୍ତ୍ତନ କରାଯାଇଛି । ଏହି ଯୋଜନାରେ ସେମାନଙ୍କୁ ଖାଦ୍ୟ, ବସ୍ତ୍ର ଓ ବାସଗୃହର ସର୍ବନିମ୍ନ ସୁବିଧା ଯୋଗାଇ ଦିଆଯାଇଛି । ଏବେ ସାରା ଦେଶରେ ୩ ଶହରୁ ଊର୍ଦ୍ଧ୍ୱ ସ୍ୱଧାର ଗୃହ କାର୍ଯ୍ୟକରୁଛି ।

**ମାତୃତ୍ୱ ସହାୟ ଯୋଜନା:**

ଦେଶର ବଛା ବଛା ୫୩ ଟି ଜିଲାରେ କେନ୍ଦ୍ରୀୟ ପ୍ରତ୍ୟକ୍ଷ ଅନୁଦାନରେ ଆଇସିଡିଏସ୍ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ମାତୃତ୍ୱ ସହାୟ ଯୋଜନାରେ ୧୯ ବର୍ଷ ଅତିକ୍ରମ କରିଥିବା ଗର୍ଭବତୀଙ୍କୁ ଜୀବନ୍ତ ଶିଶୁ ଜନ୍ମ ପାଇଁ ୬ ହଜାର ଟଙ୍କା କିସ୍ତିରେ ପ୍ରଦାନ କରାଯାଉଥିଲା । ପରେ ଏହି ଯୋଜନାକୁ ୨୦୦ ଜିଲାକୁ ସଂପ୍ରସାରିତ କରାଯାଇଥିଲା । ୨୦୧୦-୧୧ ବର୍ଷରେ ଆରମ୍ଭ ହୋଇଥିବା  ଏହି ଯୋଜନା ୨୦୧୬-୧୭ ବର୍ଷରୁ ସମଗ୍ର ଦେଶରେ ଜିଲାରେ ଏହା କାର୍ଯ୍ୟକାରୀ ହେଉଛି ।

**ଉଜ୍ଜ୍ୱଳା ଯୋଜନା:**

ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନାରେ ଯୋଗ୍ୟ ହିତାଧିକାରୀ ମହିଳାମାନଙ୍କୁ ତୁରନ୍ତ ଗ୍ୟାସ ସଂଯୋଗ ଯୋଗାଇ ଦିଆଯିବାର ବ୍ୟବସ୍ଥା କରାଯାଇଛି । ନୂଆ ଗ୍ୟାସ୍ ସଂଯୋଗ ଦେବାବେଳେ ଉଜ୍ଜ୍ୱଳା ଯୋଜନା ହିତାଧିକାରୀଙ୍କୁ ଅର୍ଥ ଖର୍ଚ୍ଚ କରିବାକୁ ପଡିବ ନାହିଁ । ଚୁଲିମୁଣ୍ଡର ଧୂଆଁତାପର କଷ୍ଟକର ମୁହୂର୍ତ୍ତରୁ ଏହା ମହିଳାଙ୍କୁ ରକ୍ଷା କରିପାରିବ ବୋଲି ସମ୍ବେଦନଶୀଳ ଦୃଷ୍ଟିଭଙ୍ଗୀର ପୋଷଣ କରାଯାଇଅଛି ।

**ଅପନୀ ବେଟୀ, ଅପନୀ ଧନ :**

ଅପନୀ ବେଟୀ, ଅପନୀ ଧନ ଭଳି ଯୋଜନାଗୁଡିକ ବାଲ୍ୟବିବାହ ପ୍ରଥାକୁ ପ୍ରତିହତ କରିବା ଏବଂ ବାଳିକା ଶିକ୍ଷାକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ କରାଯାଇଛି । ପଞ୍ଜାବ, ହରିଆନା, ଦିଲ୍ଲୀ, ହିମାଚଳ ପ୍ରଦେଶ ଓ ମଧ୍ୟପ୍ରଦେଶ ଭଳି ରାଜ୍ୟରେ ଏଥିପାଇଁ ସର୍ତ୍ତମୂଳକ ଆର୍ଥିକ ସହାୟତା ମଧ୍ୟ ଦିଆଯାଉଅଛି । ଲାଡଲୀ ଏବଂ ଧନଲକ୍ଷ୍ମୀ ଭଳି ଯୋଜନା ଦ୍ୱାରା ପରିବାରଗୁଡ଼ିକୁ କନ୍ୟାସନ୍ତାନ ନାଁରେ ବ୍ୟାଙ୍କ୍ ଖାତା ଖୋଲାଯାଇ ବିଭିନ୍ନ ପର୍ଯ୍ୟାୟରେ ଟଙ୍କା ଜମା ଦିଆଯାଉଅଛି ।

**ସବଳା କାର୍ଯ୍ୟକ୍ରମ :**

କେନ୍ଦ୍ର ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ ଅଧୀନରେ ୨୦୧୧ ମସିହାଠାରୁ ଆରମ୍ଭ ହୋଇଛି ସବଳା କାର୍ଯ୍ୟକ୍ରମ । ଦେଶର ଦୁଇଶହ ଗୋଟି ଚିହ୍ନଟ କରାଯାଇଥିବା ଜିଲାରେ ଥିବା ପ୍ରତ୍ୟେକ ସମନ୍ୱିତ ମହିଳା ଓ ଶିଶୁ ବିକାଶ ପ୍ରକଳ୍ପଗୁଡିକରେ ୧୮ ବର୍ଷ ବୟସ୍କା କିଶୋରୀମାନଙ୍କୁ ଅନ୍ତର୍ଭୁକ୍ତ କରାଯାଇଛି । ଏହାର ଲକ୍ଷ୍ୟ ହେଉଛି କିଶୋରୀଙ୍କ ସଶକ୍ତୀକରଣ, ସେମାନଙ୍କ ସ୍ୱାସ୍ଥ୍ୟ ଓ

ପୌଷ୍ଟିକତାରେ ଉନ୍ନତି, ପ୍ରଜନନ, ଶିକ୍ଷା, ପରିମଳ ଆଦି ସମ୍ବନ୍ଧରେ ସଚେତନତା ସୃଷ୍ଟି । ବିଦ୍ୟାଳୟ ଯାଉନଥିବା ବାଳିକାଙ୍କୁ ଉଭୟ ଏହି ଯୋଜନାରେ ସାମିଲ କରାଯାଇ ସେମାନଙ୍କ ଶିକ୍ଷାର ଉନ୍ନତିରେ ଲକ୍ଷ୍ୟ ରଖାଯାଇଛି ।

**ଓଡ଼ିଶା ବାଳିକା ପ୍ରୋତ୍ସାହନ ଯୋଜନା :**

ଓଡିଶା ବାଳିକା ପ୍ରୋତ୍ସାହନ ଯୋଜନା (ଓ.ଜି.ଆଇ.ପି) ହେଉଛି ୟୁକେ ସରକାରଙ୍କ ଆନ୍ତର୍ଜାତୀୟ ବିକାଶ ବିଭାଗ ଦ୍ୱାରା ଆରମ୍ଭ ହୋଇଥିବା ଏକ କାର୍ଯ୍ୟକ୍ରମ । ଏହା ମାଧ୍ୟମରେ ଓଡିଶାର ଅନୁସୂଚିତ ଜାତି ଓ ଜନଜାତି ବର୍ଗର ବିଦ୍ୟାର୍ଥୀମାନଙ୍କ ପାଇଁ ଉଦ୍ଦିଷ୍ଟ କେନ୍ଦ୍ର ସରକାରଙ୍କ ପ୍ରାକ୍ ମେଟ୍ରିକ ମେଧାବୃତ୍ତି ଯୋଜନା କାର୍ଯ୍ୟକାରୀ ହେଉଛି ।

**ଆଇନର ଅସ୍ତ୍ର :**

ମହିଳାଙ୍କ ସୁରକ୍ଷା ଓ ନିରାପତ୍ତା ପାଇଁ ଅନେକ ଆଇନ୍ ରହିଛି । ଯେମିତିକ କର୍ମସ୍ଥଳୀରେ ମହିଳାଙ୍କ ଯୌନଶୋଷଣ (ପ୍ରତିହତ, ପ୍ରତିରୋଧ ଓ ସମାଧାନ) ଅଧିନିୟମ-୨୦୧୩ ମାଧ୍ୟମରେ ମହିଳାଙ୍କ ପାଇଁ ଏକ ସୁସ୍ଥ ଓ ସୁରକ୍ଷିତ ଯାତାୟାତ ସୁନିଶ୍ଚିତ କରିବା ପାଇଁ ବ୍ୟବସ୍ଥା ରହିଛି । ଆହୁରି ମଧ୍ୟ ରହିଛି ଘରୋଇ ହିଂସାରୁ ମହିଳାଙ୍କୁ ମୁକ୍ତି ଆଇନ-୨୦୧୫, ବାଲ୍ୟବିବାହ ନିରୋଧ ଆଇନ-୨୦୧୬, ଯୌନ ନିର୍ଯାତନାରୁ ଶିଶୁଙ୍କୁ ସୁରକ୍ଷା ଆଇନ-୨୦୧୨, ଭ୍ରୂଣ ଲିଙ୍ଗ ନିରୂପଣ ପ୍ରତିହତ କରିବା ପାଇଁ ପିସି.ଏଣ୍ଡ.ପି.ଏନ୍.ଡି.ପି ଆଇନ୍ ୧୯୯୪ ଏବଂ ଜୁଭେନାଇଲ ଜଷ୍ଟିସ୍ ଆଇନ ଇତ୍ୟାଦି । ସ୍ପେସାଲ ମ୍ୟାରେଜ୍ ଆକ୍ଟ-୧୯୫୪ ଅନୁଯାୟୀ ଝିଅଙ୍କୁ ବିବାହ ପାଇଁ ଅତିକମରେ ୧୮ ବର୍ଷ ହେବା ଦରକାର ଆଉ ସେ ନିଜ ଇଚ୍ଛାରେ ବିବାହ କରିପାରିବ, ଚାଇଲଡ ଆଡପ୍ସନ ଏଣ୍ଡ୍ ଆକ୍ଟ-୧୯୯୬ ଅନୁଯାୟୀ ମା' ଜଣେ ନିଜ ସନ୍ତାନର ଅଭିବାଭକ ହେବା ପାଇଁ ଦାବି କରିପାରିବେ । ନିଜର କୌଣସି ସମ୍ବଳ ନଥିବା ବିଧବାମାନେ ଅତି ଦୟନୀୟ ଅବସ୍ଥାରେ ରହୁଥିବା ଦେଖି ୧୯୨୯ରେ ହିନ୍ଦୁ ମହିଳା ସଂପତ୍ତି ଅଧିକାର ପ୍ରଥମଥର ପାଇଁ ପ୍ରଣୀତ ହୋଇଥିଲା । ପରେ ୧୯୯୭ରେ ଅନ୍ୟ ଏକ ନିୟମ ହେଲା, ଯାହାଦ୍ୱାରା ବିଧବାମାନଙ୍କର ଜୀବିତାବସ୍ଥାରେ କିଛି ସଂପତ୍ତି ପାଇବାର ବ୍ୟବସ୍ଥା ରହିଲା । ୧୯୫୬ରେ ହିନ୍ଦୁ ଉତ୍ତାରାଧିକାରୀ ନିୟମ ପ୍ରଣୀତ ହେଲା । ଏଥିରେ ହିନ୍ଦୁ ପରିବାର ଜଣେ ନିଜେ ଅର୍ଜନ କରିଥିବା ସଂପତ୍ତି ଉପରେ ପୁଅ ଓ ଝିଅଙ୍କର ସମାନ ଅଧିକାର ରହିବାର ବ୍ୟବସ୍ଥା ହୋଇଥିଲା ତେବେ ପିତା ଉତ୍ତରାଧିକାରର ସୂତ୍ରରେ ପାଇଥିବା ସଂପତ୍ତିରେ ଝିଅର କୌଣସି ଅଧିକାର ରଖାଯାଇନଥିଲା ।

ମାଟିର୍ନିଟି ବେନିଫିଟ୍ ଆକ୍ଟ-୧୯୬୧ ଅନୁଯାୟୀ ପ୍ରସୂତିକାଳୀନ ଛୁଟି ସମୟରେ କର୍ମଜୀବୀ ମହିଳାମାନେ ସଂପୂର୍ଣ୍ଣ ଦରମା, ଭତ୍ତା ପାଇବା ସହିତ ଯଦି ପଦୋନ୍ନତି ହେବାର ଥାଏ, ତେବେ ତାକୁ ରୋକାଯାଇ ପାରିବ ନାହିଁ । ଯୌତୁକ ବିରୋଧି ଆଇନ ୧୯୬୧ ଅନୁଯାୟୀ ଯୌତୁକ ଦେବା ଓ ନେବା ଉଭୟ ହେଉଛି ଅପରାଧ । କନ୍ୟାଭ୍ରୂଣ ହତ୍ୟା ବିରୋଧି ଆଇନ-୨୦୦୨ ଅନୁଯାୟୀ କନ୍ୟାଭ୍ରୂଣ ନଷ୍ଟ କରିଥିବା ଡାକ୍ତରଙ୍କ ଲାଇସେନ୍ସ ରଦ୍ଦ ଓ ଜେଲଦଣ୍ଡ ଭୋଗ । ପ୍ରୋଟେକ୍ଟ ଅଫ୍ ଓ୍ୱିମେନ ଫ୍ରମ୍ ଡୋମେଷ୍ଟିକ୍ ଭାଓଲେନ୍ସ ଆକ୍ଟ-୨୦୦୫ ମୁତାବକ ଛାଡପତ୍ର ନହେବା ପର୍ଯ୍ୟନ୍ତ ସ୍ୱାମୀ ବା ତାଙ୍କ ପରିବାରର କୌଣସି ସଦସ୍ୟ ସଂପୃକ୍ତ ମହିଳାଙ୍କୁ ଘରୁ ବାହାର କରିପାରିବ ନାହିଁ । ବିଭିନ୍ନ ଯୋଜନାବଦ୍ଧ ଅପରାଧ ବିରୋଧରେ ୨୦୦୦ ମସିହାରେ ପ୍ରସ୍ତୁତ ହୋଇଥିବା ଜାତିସଂଘର ସାଧାରଣ ପରିଷଦ ଚିଠା ଅନୁସାରେ ମନୁଷ୍ୟ ଚାଲାଣ, ବିଶେଷ କରି ନାରୀ ଓ ଶିଶୁ ଚାଲାଣକୁ ସଂପୂର୍ଣ୍ଣ ବନ୍ଦ କରିବା ଏବଂ ସେହି ଅଭିଯୋଗରେ ଅଭିଯୁକ୍ତ ଦୋଷୀକୁ ଉପଯୁକ୍ତ ଶାସ୍ତି ଦେବା ପାଇଁ ବ୍ୟବସ୍ଥା ରଖାଯାଇଛି । ସଂପ୍ରତି ନାରୀ ଆଉ ପଛରେ ନାହିଁ କିମ୍ବା ନାରୀଙ୍କୁ ଅଣଦେଖା ନକରିବା ପାଇଁ ସେମାନଙ୍କ ସ୍ୱାର୍ଥରେ ପ୍ରଣୀତ ହୋଇଛି ଉପଯୁକ୍ତ ଆଇନ୍ ଓ ସେବା । ଏତଦ୍‌ଭିନ୍ନ ଅନେକ ଯୋଜନା; ଯାହା କ୍ରମେ ପରିବର୍ତ୍ତିତ ମଧ୍ୟ ହେଉଛି । ଯାହାକି ସଂପ୍ରତି ନାରୀଙ୍କୁ ଦେଇଛି ସ୍ୱତନ୍ତ୍ର ମର୍ଯ୍ୟାଦା ଓ ସମ୍ମାନ । ମାତ୍ର ଏଥିପାଇଁ ସାମୂହିକ ସମର୍ଥନ ଲୋଡ଼ା । ତା' ସହିତ ନାରୀ ଜୀବନର ଅନ୍ଧକାରକୁ ଦୂରକରିବା ପାଇଁ ସମାଜର ପ୍ରତ୍ୟେକ ବର୍ଗଙ୍କ ଆନ୍ତରିକତା ରହିବା ଦରକାର ।

# ଶିକ୍ଷା ପରିସରରେ ଆଦିବାସୀ

**ଡ. ରୁଦ୍ରାଣୀ ମହାନ୍ତି**

ଶିକ୍ଷା ମାନବର ସର୍ବାଙ୍ଗୀଣ ସମୃଦ୍ଧିର ଆଧାର । ଚିନ୍ତାଶୀଳ ବ୍ୟକ୍ତିମାନେ ମତଦିଅନ୍ତି ''ଶିକ୍ଷା ବିନା ମଣିଷ ପଶୁ'' । ଜାତିର ପିତା ଗାନ୍ଧିଙ୍କ ମତାନୁସାରେ ଶାରୀରିକ, ମାନସିକ ଓ ଆଧ୍ୟାତ୍ମିକ ବିକାଶ ହିଁ ଶିକ୍ଷାର ପ୍ରକୃତ ଅର୍ଥ । କୋଠାରୀ କମିଶନଙ୍କ ମତରେ ସମାଜରେ ଆଶାନୁରୂପ ପରିବର୍ତ୍ତନ ଆଣିବାପାଇଁ ଶିକ୍ଷାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଇୟୁନେସ୍କୋ ଶିକ୍ଷା କମିଶନ ମଧ୍ୟ ଶିକ୍ଷା ବ୍ୟତିରେକ ମାନବ ସମାଜର ଆର୍ଥନୀତିକ ବିକାଶ କଥା ଚିନ୍ତା କରାଯାଇନପାରେ ବୋଲି ମତ ପ୍ରଦାନ କରିଛନ୍ତି । ଅନୁନ୍ନତ ଶ୍ରେଣୀ କମିଶନଙ୍କ ରିପୋର୍ଟରେ (Report of Backward Commission 1956, Vol-I, P-46) ଶିଳ୍ପ ବାଣିଜ୍ୟ ଓ ସମାଜର ସକଳ କ୍ଷେତ୍ରରେ ଆଦିବାସୀମାନଙ୍କର ପ୍ରବେଶ ନ ଥିବାର କାରଣ, ଶିକ୍ଷାରେ ଅନଗ୍ରସରତା ବୋଲି ଦର୍ଶାଯାଇଛି । ନିବିଡ଼ ଅରଣ୍ୟ ମଧ୍ୟରେ, ପ୍ରକୃତି କୋଳରେ ନିଜର ଅସ୍ମିତା, ଜୀବନ ଓ ଜୀବିକାର ଉତ୍ସ ଅନ୍ୱେଷଣରେ ସଦା ବ୍ୟାପୃତ ସରଳ ନିରୀହ ଆଦିବାସୀ ତାର ସ୍ୱତନ୍ତ୍ର ଜୀବନଶୈଳୀ, କଳା, ସଂସ୍କୃତି ଓ ମୌଖିକ ସାହିତ୍ୟର ଭରପୁର ଇଲାକା ମଧରେ ଥାଇ ସୁଦ୍ଧା ଆଜିର ଏ ବୈଦ୍ୟୁତିକ ଗଣମାଧ୍ୟମ ଯୁଗରେ ବି ଶିକ୍ଷା କ୍ଷେତ୍ରରେ ଆଶାନୁରୂପ ସଫଳତା ହାସଲ କରିପାରିନାହିଁ ।

ଭାରତୀୟ ସମ୍ବିଧାନ ଧାରା ୪୫ରେ ଛଅରୁ ଚଉଦ ବର୍ଷ ବୟସ ମଧ୍ୟରେ ଥିବା ଦେଶର ସମସ୍ତ ଶିଶୁଙ୍କ ଶିକ୍ଷା ଗ୍ରହଣ ବାଧ୍ୟତାମୂଳକ ଓ ମାଗଣା ହେବାର ନିର୍ଦ୍ଦେଶନାମା ରହିଛି । ପୁନଶ୍ଚ ସମ୍ବିଧାନର ନୂତନ ଧାରା ୨୧ (କ) ରେ (୨୦୦୨, ୮୬ ତମ) ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷାଗ୍ରହଣ ପ୍ରତ୍ୟେକ ଶିଶୁର ମୌଳିକ ଅଧିକାରର ମାନ୍ୟତା ପ୍ରଦାନ କରାଯାଇଛି । ତେଣୁ ସରକାରୀ ସ୍ତରରେ ଶିକ୍ଷାରେ ଗୁରୁତ୍ୱଆରୋପ କରି ବହୁ ଯୋଜନା, ପ୍ରକଳ୍ପ ଆଦି କାର୍ଯ୍ୟକ୍ରମ ସହିତ ବିଦ୍ୟାଳୟ, ଆବାସିକ ବିଦ୍ୟାଳୟ କନ୍ୟାଶ୍ରମମାନ ସ୍ଥାପନ କରି ଶ୍ରେଣୀଗୃହକୁ ପିଲାମାନଙ୍କୁ ଆକର୍ଷିତ କରିଆଣିବା ଲାଗି ମାଗଣା ପାଠ୍ୟପୁସ୍ତକ, ପୋଷାକ, ବୃତ୍ତି ମଧ୍ୟାହ୍ନଭୋଜନ ଏପରିକି ବିଦ୍ୟାଳୟମାନଙ୍କରେ କମ୍ପୁଟରୀକରଣ, ଖେଳକୁଦ ଓ ନାଚଗୀତ ଆଧାରରେ ଶିକ୍ଷାଗ୍ରହଣର ବ୍ୟବସ୍ଥା ରହିଛି । ତଥାପି ରାଷ୍ଟ୍ର ବିକାଶର ଅପରିହାର୍ଯ୍ୟ ଅଙ୍ଗ ଆଦିବାସୀ ଶିକ୍ଷାପରିସରରେ ଅଦ୍ୟାବଧି ପଛରେ ରହିଛନ୍ତି ।

ପ୍ରାଥମିକ ଶିକ୍ଷାଠାରୁ ଉଚ୍ଚଶିକ୍ଷା ପର୍ଯ୍ୟନ୍ତ ପରିସଂଖ୍ୟାନ କହେ ଦେଶର ଶତକଡ଼ା ୬୦ ଭାଗ ଲୋକ ଶିକ୍ଷିତ ହୋଇସାରିଛନ୍ତି । ମାତ୍ର ହାରାହାରି ହିସାବ ଓ ନିଛକ ବାସ୍ତବତା ମଧ୍ୟରେ ପାର୍ଥକ୍ୟ ଅନେକ । ଆଦିବାସୀ ବହୁଳ ଅଞ୍ଚଳରେ ନିରକ୍ଷରତାର ବ୍ୟାଧି ପ୍ରବଳ । ସେମାନେ ଶିକ୍ଷା ଦିଗରେ ସ୍ୱଭାବତଃ ଆଗ୍ରହ ପ୍ରକାଶ କରି ନଥାନ୍ତି; ଯଦି ଓ ଖାଦ୍ୟ ପୋଷାକ ମୋହରେ ବିଦ୍ୟାଳୟକୁ ଆସନ୍ତି ମାତ୍ର ଶିକ୍ଷା ସମ୍ପୂର୍ଣ୍ଣ ନକରି ଅଧିକାଂଶ ଅଧାରୁ ପାଠଛାଡ଼ି ଦେଇଥାନ୍ତି ଅଥବା ଅନେକଙ୍କର ନାମ ବିଦ୍ୟାଳୟର ଉପସ୍ଥିତ ଖାତାରେ ଗଡ଼ି ଚାଲିଥାଏ । ବର୍ଣ୍ଣାଢ଼୍ୟ ସଂସ୍କୃତି, ପରମ୍ପରା, କଳା, ସଙ୍ଗୀତ, ନୃତ୍ୟ ମଧ୍ୟରେ ସଦା ଆମୋଦିତ ଆଦିବାସୀର ଶିକ୍ଷାପ୍ରତି ଆଗ୍ରହ କଥା ଉଠିଲେ ସ୍ମରଣରେ ଆସେ ଏକଲବ୍ୟ, ଉଚ୍ଚ ବଂଶଜ ତଥା ଉଚ୍ଚାଧିକାରୀଙ୍କ କାର୍ଯ୍ୟକଳାପ ବି ତା' ରକ୍ତଭିଜା କଟା ଆଙ୍ଗୁଠି ନିକଟରେ ଫିକା ଦିଶେ । ମାତ୍ର ଅଧୁନା ଶିକ୍ଷାପ୍ରତି ଆଦିବାସୀର ଆନ୍ତରିକତାକୁ ଲକ୍ଷ୍ୟକଲେ ଆଶଙ୍କା ହୁଏ, ପ୍ରଗତିର ସକଳ ଦ୍ୱାର ତା ପାଇଁ ଉନ୍ମୁକ୍ତ ଥିଲେ ମଧ୍ୟ ସିଏ ଜୀବନ ତମାମ ସେଇ ଗିରିଗୁହା ମଧ୍ୟରେ ଅଟକି ରହିଯିବ ନାହିଁ ତ ? ଅଜ୍ଞାନ ଅନ୍ଧାରରେ ଥାଇ ଅଭାବ ଅନଟନ, ଦୁଃଖ, ଦାରିଦ୍ର୍ୟ, ରୋଗଶୋକ ଘେରରେ ଜୀବନର ସକଳ ସରସତାକୁ ନଷ୍ଟ କରିଦେବ ନାହିଁ ତ ?

ଜାତୀୟ ଏବଂ ରାଜ୍ୟସ୍ତରୀୟ ସ୍ୱାକ୍ଷରତା ହାର ସହିତ ଆଦିବାସୀ ପୁରୁଷ ଓ ମହିଳା ସ୍ୱାକ୍ଷରତା ହାର ତୁଳନା କଲେ ଯଥେଷ୍ଟ ଅସମତା ପରିଲକ୍ଷିତ ହୁଏ । ଆମ ରାଜ୍ୟରେ ବାସ କରୁଥିବା ସମସ୍ତ ଅଞ୍ଚଳର ଆଦିବାସୀଙ୍କ ସାକ୍ଷରତା ହାର ଅତ୍ୟନ୍ତ କମ । କାଗଜପତ୍ର ବ୍ୟତିରେକେ ବାସ୍ତବତାକୁ ଆଧାରକଲେ ଶିକ୍ଷାର ବିକାଶନ୍ମୁଖୀ ପଥରେ ଆଦିବାସୀ ସ୍ୱତଃପ୍ରବୃତ୍ତ ହୋଇ ଚାଲିବାର କଳ୍ପନା ସୁଦ୍ଧା କରିପାରେନାହିଁ, ଏହାହିଁ ପ୍ରକୃତ ସତ୍ୟ । ତେବେ ଶିକ୍ଷାପ୍ରତି ବୀତସ୍ପୃହତା ତାର ଏକପକ୍ଷେ ପାରିବାରିକ, ଅର୍ଥନୈତିକ, ସାମାଜିକ ପୁରାତନ ପାରମ୍ପରିକ ବିଶ୍ୱାସ, ଭାଷା ଓ ଲିପି, କାର୍ଯ୍ୟଚାପ ଏବଂ ଅପରପକ୍ଷେ ତା ପାଇଁ କାର୍ଯ୍ୟକ୍ଷେତ୍ରରେ ଆଗୁସାର ହେଉଥିବା ନାଗରିକଙ୍କ ନିଷ୍ଠା, ଆନ୍ତରିକତା, କର୍ତ୍ତବ୍ୟ ପରାୟଣତା ତଥା ସ୍ୱଚ୍ଛଭାବନା ଉପରେ ନିର୍ଭରଶୀଳ ହୋଇଥାଏ ।

ଅରଣ୍ୟାଞ୍ଚଳ, ଗ୍ରାମାଞ୍ଚଳ ବା ବସ୍ତି ପରିବେଶରେ ଆଦିବାସୀ

ପିତାମାତା ବା ଅଭିଭାବକ ପ୍ରାୟତଃ ଶିକ୍ଷିତ ନଥାନ୍ତି ଏବଂ ଶିକ୍ଷାର ଗୁରୁତ୍ୱ ବୁଝି ନଥାନ୍ତି । ତେଣୁ ତାଙ୍କ ପିଲାମାନଙ୍କୁ ବିଦ୍ୟାଳୟକୁ ପଠାଇବା ପାଇଁ ସହଜରେ ଇଚ୍ଛା ପ୍ରକାଶ କରନ୍ତି ନାହିଁ । ଯଦିଓ ଆଦିବାସୀ ସମାଜରେ ପୁତ୍ରକନ୍ୟାର ବିଭେଦ ବିଶେଷଭାବେ ପରିଲିକ୍ଷିତ ହୋଇନଥାଏ ତେବେ 'ରେବତୀ'ର 'ଜେଜୀମା' ପରି ପୁରାତନ ଧାରଣାଟିଏ ଅଦ୍ୟାବଧି ଜୀବିତ ଯେ ଝିଅମାନେ ବିବାହକରି ସଂସାର ଚଳନାର ଦାୟିତ୍ୱ ବହନ କରୁଥିବାରୁ ରନ୍ଧାବଢ଼ା ସହ ଗୃହକାର୍ଯ୍ୟରେ ସେମାନେ ସର୍ବାଦୌ ପାରଙ୍ଗମ ହେବା ଆବଶ୍ୟକ । ତେଣୁ କନ୍ୟା ସନ୍ତାନମାନଙ୍କୁ ସେମାନେ ପ୍ରଥମେ ଗୃହକର୍ମରେ ନିଯୁକ୍ତ କରାନ୍ତି ଓ ପରେ ବିଦ୍ୟାଳୟକୁ ପଠାନ୍ତି । ପିତାମାତାଙ୍କର ଏହି ଅବହେଳା ପିଲାଙ୍କଠାରେ ଅଚିରେ ପ୍ରତିଫଳିତ ହୋଇଥାଏ ।

ଆର୍ଥନୀତିକ ଅବସ୍ଥା ଏବଂ କାର୍ଯ୍ୟଚାପ ଆଦିବାସୀର ଶିକ୍ଷା ଗ୍ରହଣକୁ ପ୍ରତ୍ୟକ୍ଷ ଭାବେ ପ୍ରଭାବିତ କରିଥାଏ । ବିଭିନ୍ନ କାରଣରୁ ଆଦିବାସୀଟିଏ ଦାରିଦ୍ର୍ୟର ଉତ୍କଟ ପୀଡ଼ନରେ ସଦା ପୀଡ଼ିତ । ପ୍ରତ୍ୟହ ଗୁଜୁରାଣ ମେଣ୍ଟାଇବାଲାଗି ସେ ନାନା କାର୍ଯ୍ୟଚାପର ଶୀକାର ହୋଇଥାଏ । ଶ୍ରେଣୀଗୃହ ଶିକ୍ଷାରୁ ସିଧାସଳଖ ବୈଷୟିକ ଫଳ ମିଳୁନଥିବାରୁ ସେ ସେଥିରେ ତାତ୍‌କ୍ଷଣିକ ଆବଶ୍ୟକତା ପୂରଣ କରିପାରେ ନାହିଁ, ଫଳତଃ ଆଦିବାସୀ ପିତାମାତା, ପିଲାମାନଙ୍କୁ ଅଳ୍ପ ବୟସରୁ ଜୀବିକାର୍ଜନ କାର୍ଯ୍ୟରେ ନିୟୋଜିତ କରିଥାନ୍ତି । ଜଙ୍ଗଲଦ୍ରବ୍ୟ ସଂଗ୍ରହ କିମ୍ୱା ମଜୁରୀ ଆଦି ବୃତ୍ତି ଉଦ୍ଦେଶ୍ୟରେ ବାହାରକୁ ଗଲେ ଅଧିକ ଉପାର୍ଜନ ଆଶାରେ କିଶୋର ବୟସରୁ ପୁଅମାନଙ୍କୁ ସାଙ୍ଗରେ ନେଇଯିବା ସହ ଝିଅମାନଙ୍କୁ ଘରେ ରଖାଇ ସାନସାନ ଶିଶୁଙ୍କୁ ଜଗିବା, ଘରକାମ କରିବା, ଗୃହପାଳିତ ପଶୁପକ୍ଷୀଙ୍କୁ ଦେଖାଶୁଣା କରିବା ଆଦି କାର୍ଯ୍ୟରେ ନିଯୁକ୍ତ କରିଥାନ୍ତି । ଘରେ ଛୋଟ ଶିଶୁ ନଥିଲେ ପିତାମାତାଙ୍କ ସହ କନ୍ୟା ସନ୍ତାନଟି ବି ଜଙ୍ଗଲକୁ ବାହାରି ଯାଇଥାଏ କେବେ ମହୁଲ, ତେନ୍ତୁଳି, ଆମ୍ୱ ବା କୋଳି ସଂଗ୍ରହ ପାଇଁ ତ କେବେ କନ୍ଦା ଖୋଳିବା ପାଇଁ ବା କେବେ ଇଟା କାମ କି ପଥର କାମ ପାଇଁ । ମୁକ୍ତ ଆକାଶର ବିହଙ୍ଗତୁଲ୍ୟ ଜୀବନ ଜିଇଁବା ଧାରାରେ ସେ ଏତେ ଅଭ୍ୟସ୍ତ ହୋଇଯାଇଥାଏ ଯେ ବିଦ୍ୟାଳୟ ପରିସରର ଆବଦ୍ଧ ଶ୍ରେଣୀଗୃହ ମଧ୍ୟରେ ଦୀର୍ଘ ସମୟ ବସିରହି ପାଠପଢ଼ିବାକୁ ତାକୁ ଅସୁଖ ଲାଗେ । ପିତାମାତାଙ୍କ ଭାବନାରେ ମଧ୍ୟ ରହିଥାଏ, ଦୀର୍ଘ ସମୟଧରି ପିଲାଏ ବିଦ୍ୟାଳୟକୁ ଗଲେ ପରିବାରର ଆର୍ଥିକ ଦିଗ ବ୍ୟାହତ ହେବ । ଏତଦ୍ ବ୍ୟତୀତ ପାହାଡ଼ ପର୍ବତ ଘେରା ପ୍ରକୃତି କୋଳରେ ପ୍ରତିପାଳିତ ଓ ପ୍ରକୃତିର ନାନା ପ୍ରକ୍ରିୟା ସହିତ ସାମିଲ ହୋଇ ବର୍ତ୍ତମାନ ସର୍ବସ୍ୱ ଆଦିବାସୀ ଜୀବନକୁ ଖୁବ୍ ହାଲୁକା ଭାବେ ଗ୍ରହଣ କରୁଥିବାରୁ ବର୍ଷ ବର୍ଷ ଧରି ବସିରହି ପାଠପଢ଼ାରେ ମନଦେବାକୁ ରୁଚି ରଖେ ନାହିଁ । ନିଜର ଅଜ୍ଞତା ହେତୁ ଏପରି ଶିକ୍ଷା ଅଳସୁଆଙ୍କର ବା ବଡ଼ବଡ଼ିଆଙ୍କର କାର୍ଯ୍ୟ ବୋଲି ଭାବିଥାଏ । ଶିକ୍ଷାର ସୁଦୂର ପରିଣତି ଓ ସୁଫଳ ସମ୍ପର୍କରେ ଧାରଣା ନନେଇ କେବଳ ଶାରୀରିକ ଶ୍ରମକୁ ସେ ଗୁରୁତ୍ୱ ଦେଇ ଶିକ୍ଷାପ୍ରତି ଅବହେଳା କରିଥାଏ ।

ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ ଆଦିବାସୀର ଭାଷା, ସଂସ୍କୃତି ଓ ଚଳଣି, କେତୋଟି ନିର୍ଦ୍ଦିଷ୍ଟ ଆଦିବାସୀ ଲିପି ବ୍ୟତିରେକେ ଅନ୍ୟ ସମସ୍ତ ଆଦିବାସୀ ସଂପ୍ରଦାୟଙ୍କର ମୌଖିକ ଭାଷା ହିଁ ସେମାନଙ୍କ ଚଳଣି ପାଇଁ ଭାବପ୍ରକାଶର ସମ୍ୱଳ । ତେଣୁ ପ୍ରାଥମିକ ସ୍ତରରେ ବିଦ୍ୟାଳୟକୁ ଆସୁଥିବା ପିଲା ନିଜ ଭାଷା, ସଂସ୍କୃତି ଓ ପାରିପାର୍ଶ୍ୱିକ ସାମାଜିକ ପରିବେଶର ଅନୁଭବକୁ ଶ୍ରେଣୀକକ୍ଷରେ ପଢ଼ା ଯାଉଥିବା ପାଠ୍ୟପୁସ୍ତକର ଭାଷା ଓ ବିଷୟ ବସ୍ତୁ ସହିତ ସଂଯୁକ୍ତ କରିପାରେ ନାହିଁ । ଭାଷା ମୁଖ୍ୟ ପ୍ରତିବନ୍ଧକ ସାଜେ । ଅନେକ ଆଦିବାସୀ ସଂପ୍ରଦାୟ ଏବେ ପର୍ଯ୍ୟନ୍ତ ନିଜ ଭାଷା ବ୍ୟତୀତ ଓଡ଼ିଆ ଭାଷା ଆଦୌ ବୁଝନ୍ତି ନାହିଁ କହିପାରନ୍ତି ନାହିଁ । ସ୍ଥାନୀୟ ସଂଯୋଜକ ଭାଷା ହିଁ ଏକମାତ୍ର ମାଧ୍ୟମ ହୋଇଥାଏ ଶିକ୍ଷକ-ଛାତ୍ର ମଧ୍ୟରେ ।

ସୁତରାଂ ଆଦିବାସୀ ଅଞ୍ଚଳର ବିଦ୍ୟାଳୟଗୁଡ଼ିକରେ ଶିକ୍ଷାର ମାଧ୍ୟମ ରୂପେ ବ୍ୟବହୃତ ଭାଷା କୌଣସି ଆଦିବାସୀ ପିଲାର ମାତୃଭାଷା ହୋଇନଥିବା ଏବଂ ସମସ୍ତ ଶିକ୍ଷକ ଆଦିବାସୀ ସଂପ୍ରଦାୟର ହୋଇନଥିବାରୁ ଶିକ୍ଷକ ଓ ଛାତ୍ର ମଧ୍ୟରେ କାର୍ଯ୍ୟଗତ ତଥା ଭାବଗତ ସମ୍ପର୍କ ରକ୍ଷା କଷ୍ଟ ସାଧ୍ୟ ହୋଇଥାଏ । ଧେବର କମିଶନ ଆଦିବାସୀ ଭାଷା ଶିକ୍ଷା ସମ୍ପର୍କରେ ମତ ବ୍ୟକ୍ତି କରିଛନ୍ତି – "A teacher in tribal area have a thorough knowledge of tribal life and culture. He must speak tribal language only so he can be in a position to act as a friend, philosopher and guide to the tribals" ଏଣୁ ଆଦିବାସୀ ଛାତ୍ର ଓ ତାର ଶିକ୍ଷକଙ୍କ ମଧ୍ୟରେ ଭାଷା ଭାବର ଅବୁଝାପଣରୁ ଶିକ୍ଷାର ପ୍ରସାର କେତେକାଂଶରେ ଅଟକିରହେ ।

ଅବଶ୍ୟ ସୁଖର କଥା ୨୦୦୬ ମସିହାରୁ ଓଡ଼ିଶା ପ୍ରାଥମିକ ଶିକ୍ଷା ପ୍ରକଳ୍ପ (OPEPA) ତରଫରୁ 'ବହୁଭାଷୀ ଶିକ୍ଷା' (Multi-lingual Education) କାର୍ଯ୍ୟକ୍ରମ ଓଡ଼ିଶାର ସମ୍ୱଲପୁର (କିଶାନ), ସୁନ୍ଦରଗଡ଼ (ଓରାଁଓ), ମୟୁରଭଞ୍ଜ (ମୁଣ୍ଡା ଓ ସାନ୍ତାଳ), କେନ୍ଦୁଝର (ଜୁଆଙ୍ଗ), ରାୟଗଡ଼ା (କୁଭି), କନ୍ଧମାଳ (କନ୍ଧ),

ଗଜପତି (ସଉରା) ଓ ମାଲକାନାଗିରି (ବଣ୍ଡା, କୋୟା) ଆଦି ୮ଟି ଜିଲ୍ଲାରେ ପ୍ରଚଳିତ ହୋଇଛି । ଏହି ଅଞ୍ଚଳମାନଙ୍କରେ ଆଦିବାସୀ ପିଲା ନିଜ ମାତୃଭାଷାକୁ ପ୍ରଥମ ଭାଷା, ଓଡ଼ିଆକୁ ଦ୍ୱିତୀୟ ଭାଷା ଓ ହିନ୍ଦୀ ଇଂରାଜୀ, ସଂସ୍କୃତ ଆଦିକୁ ତୃତୀୟ ଭାଷା ରୂପେ ଗ୍ରହଣ ପୂର୍ବକ ଶିକ୍ଷା ଲାଭ କରିବାର ଅବକାଶ ସୃଷ୍ଟି ହୋଇଛି । ଏହି ବିଦ୍ୟାଳୟ ଗୁଡ଼ିକ କାନ୍ଥରେ ସେମାନଙ୍କ ପରିସରର ଜଣାଶୁଣା ଛବି ଆଙ୍କି ଓଡ଼ିଆ ତଥା ତାଙ୍କ ଭାଷାରେ ଲେଖି ଛବିଟିକୁ ଚିହ୍ନିତ କରାଯିବାର ବ୍ୟବସ୍ଥା ସହ ଖେଳ, ଗୀତ ଓ ଶରୀରର ନାନା ଅଙ୍ଗପ୍ରତ୍ୟଙ୍ଗ ମାଧ୍ୟମରେ ଅକ୍ଷର ଶିକ୍ଷା ପ୍ରଦାନ କରାଯିବାର ବ୍ୟବସ୍ଥା ରହିଛି । ତେବେ ଏହା ସେତେ ବେଶି ଫଳପ୍ରଦ ହୋଇ ପାରିଲା ନାହିଁ ।

ବିଦ୍ୟାଳୟରେ ପାଠ୍ୟ ବିଷୟ ଗଣିତ ଓ ଇଂରାଜୀପ୍ରତି ସରଳ ଆଦିବାସୀ ପିଲା ମନରେ ଅହେତୁକ ଭୟ ଶିକ୍ଷା ପ୍ରତି ଅନିଚ୍ଛା ପ୍ରକାଶ କରିବାର ଅନ୍ୟତମ କାରଣ । ଠିକ୍ ଠିକ୍ ବୁଝି ନପାରିବାର ନିରୀହତା ଓ ଶିକ୍ଷକଙ୍କ ପ୍ରଚେଷ୍ଟା ମଧ୍ୟରେ ଏକ ଅନାତ୍ମୀୟ ଭାବ ସ୍ୱୟଂ ପ୍ରକାଶିତ ହୋଇଯାଏ ଶ୍ରେଣୀ କକ୍ଷରେ ।

ସୂକ୍ଷ୍ମ ଦୃଷ୍ଟିରେ ପର୍ଯ୍ୟାଲୋଚନା କଲେ ଆଦିବାସୀମାନଙ୍କ ଶିକ୍ଷାରେ ଅନଗ୍ରସରତା କେତେକାଂଶ ଏମାନଙ୍କ ଲାଗି ଯୋଜନା ପ୍ରକଳ୍ପ ଆଦି ପ୍ରସ୍ତୁତ କରୁଥିବା କାର୍ଯ୍ୟ କରୁଥିବା କର୍ମଚାରୀଙ୍କ କାର୍ଯ୍ୟପ୍ରତି ନିଷ୍ଠା ଓ ଆନ୍ତରିକତା ଉପରେ ପର୍ଯ୍ୟବେସିତ । ଯୋଜନା ପ୍ରସ୍ତୁତ ହୁଏ । କାର୍ଯ୍ୟକାରୀ ହେବାର ବ୍ୟବସ୍ଥା ହୁଏ । ସମସ୍ତେ କର୍ତ୍ତବ୍ୟ କରିଥାନ୍ତି । କର୍ତ୍ତବ୍ୟପରାୟଣତା ଯେ ପରିଦୃଷ୍ଟ ହୁଏନାହିଁ, ତାହା ନୁହେଁ ମାତ୍ର ଆନ୍ତରିକତାର ମାତ୍ରା କମ୍‌ଥାଏ ଏବଂ ଏହାର କାରଣ ମଧ୍ୟ ଯାହାଙ୍କ ଉଦ୍ଦେଶ୍ୟରେ କର୍ତ୍ତବ୍ୟ କରାଯାଏ ସେ ନିଷ୍କ୍ରିୟ (Passive) ଥାଏ । ତା ପକ୍ଷରୁ ସ୍ୱତଃ ପ୍ରବୃତ୍ତଭାବେ ନା ଦାବି ନା ଆଗ୍ରହ ପ୍ରକାଶିତ ହୁଏ । ଫଳତଃ ମୁଖ୍ୟସ୍ରୋତ ଆଡ଼କୁ ଅଗ୍ରସର କରାଇବା ଆଶାରେ ହିତାଧିକାରୀକୁ ଯେଉଁ ସୋପାନରେ ଉପନୀତ କରାଇବାର କଳ୍ପନା ବାସ୍ତବାୟିତ ହୋଇପାରେନାହିଁ । ପୁନଶ୍ଚ ବିଭିନ୍ନ ଯୋଜନାରେ ବିପୁଳ ରାଶି ବିନିମୟରେ ଯେଉଁ ଉନ୍ନୟନ କାର୍ଯ୍ୟ କରାଯାଏ, ପ୍ରକୃତପକ୍ଷେ ତାର ସିଂହଭାଗର ଉପଭୋକ୍ତା ଆଦିବାସୀଟିଏ ହୋଇପାରିନଥାଏ । ବହୁଳାଂଶରେ ବାଟମାରଣା ହୋଇଯାଇଥାଏ । ଏଣୁ ଆଦିବାସୀଟିଏ ସହଜରେ ଦାରିଦ୍ର୍ୟର ସୀମାରେଖା ଅତିକ୍ରମ କରିପାରେ ନାହିଁ କିମ୍ବା ଶିକ୍ଷାର ଗୁରୁତ୍ୱ ବୁଝି ଅଜ୍ଞାନ ଅନ୍ଧାରରୁ ମୁକ୍ତ ହେବାର ଧାରଣା ବହନ କରିପାରେନାହିଁ ।

ପରିଶେଷରେ ଏତିକି କୁହାଯାଇପାରେ ଯେ ଇତିହାସର ଗଡ଼ଡ଼ାଳିକା ପ୍ରବାହ ମଧ୍ୟରେ ଶିକ୍ଷାପ୍ରତି ଆଦିବାସୀର ବୀତସ୍ପୃହତାକୁ ଦୂରକରି ଉପସ୍ଥିତ ମନୋଭାବରେ ପରିବର୍ତ୍ତନ ଆଣିବାପାଇଁ ଯେଉଁ ବିକାଶମୂଳକ ପଦକ୍ଷେପ ନିଆଯାଉଛି, ତାର ସଫଳତା ନିର୍ଭରକରେ ଆଦିବାସୀ ଅଞ୍ଚଳ ସଂଲଗ୍ନ ସମସ୍ତ ଅଧିବାସୀ, ପଦାଧିକାରୀ, ଅଣଆଦିବାସୀ ଶିକ୍ଷକ ତଥା ସ୍ୱୟଂ ଆଦିବାସୀମାନେ । ନିଜର ଅନ୍ତର୍ନିହିତ ଶକ୍ତି ସମ୍ପର୍କରେ ସେମାନେ ଅଭିହିତ ହୋଇପାରିଲେ ଅବା ସଭ୍ୟ ଶିକ୍ଷିତ ସମାଜ ସହୃଦୟତାର ସହିତ ମାନବିକ ମୂଲ୍ୟବୋଧରେ ସେମାନଙ୍କୁ ସଚେତନ କରାଇପାରିଲେ, ଶିକ୍ଷାର ପ୍ରସାର ସହ ତାର ପାରମ୍ପରିକ କଳା, ସଂସ୍କୃତି, ଭାଷା, ଚଳଣି ରକ୍ଷାପୂର୍ବକ ବିକାଶ ପ୍ରକ୍ରିୟା ସାଧିତ ହେବା ସଙ୍ଗେ ସଙ୍ଗେ ସେମାନେ ସମାଜର ମୁଖ୍ୟ ସ୍ରୋତରେ ସାମିଲ ହୋଇପାରିବେ, ଏହା ନିଃସନ୍ଦେହ ।

**ଅଧ୍ୟାପିକା, ଓଡ଼ିଆ ବିଭାଗ**

**କେନ୍ଦ୍ରୀୟ ବିଶ୍ୱ ବିଦ୍ୟାଳୟ, କୋରାପୁଟ**

# ତୋଫାନୀ

ଲୋପାମୁଦ୍ରା ଜେନା

ସେ ଦିନ ଭାରି ବ୍ୟସ୍ତ ଲାଗୁଥିଲା । ତିନି ତିନି ଥର ବାହାରିବି ବୋଲି ଚାହିଁବି ବାହାରି ପାରିଲି ନାହିଁ । କେଉଁ ଏକ ଅଦୃଶ୍ୟ ଶକ୍ତି ମୋତେ ଯେମିତି କି ବାରମ୍ବାର ପଛକୁ ଟାଣୁ ଥିଲା । ଶେଷରେ ବାହାରି ପଡ଼ିଲି ମାମୁଁ ଘରକୁ ।

ଏ ବର୍ଷ ରଜକୁ ଗାଆଁକୁ ଯାଇଥିଲି । ମାଇଁ ଆଉ ମାମୁଁଙ୍କ କଥା ଭାରି ମନେ ପଡ଼ିଲା । ସାନ ଭାଇକୁ କହିଲି, ଚାଲ ଯିବା ମାମୁଁଘର ଆଡ଼େ ବୁଲି ଆସିବା । ଶେଷରେ, ମୁଁ, ବୋଉ ଆଉ ଭାଉଜ ବାହାରିଲୁ ମାମୁଁ ଘରକୁ ।

ମାଇଁଙ୍କର ସେଇ ସୁନ୍ଦର ମୁହଁଟି ମୋ ଆଖି ଆଗରେ ଭାସି ଯାଉ ଥିଲା । କେତେ ଭଲ ମୋ ବଡ଼ ମାଇଁ । କେତେ ସ୍ନେହୀ, କେତେ ଉଦାର, କେତେ ଆପଣାର ଭାବ ତାଙ୍କ ମନରେ, ସମସ୍ତଙ୍କ ପ୍ରତି । ଦୀର୍ଘ ବର୍ଷ ହେବ ମୁଁ ତାଙ୍କୁ ଦେଖି ନଥିଲି । କେମିତି ସେ ଥିବେ ? କିପରି ନଇଁ ନଇଁ ଚାଲୁଥିବେ ? ? ମାମୁଁ କେମିତି ଥିବେ ? ? ଏମିତି ଗୁଡ଼ାଏ ଭାବନାର ବୁଢିଆଣୀ ଜାଲ ଭିତରେ ମନ ମୋର ଛନ୍ଦି ହୋଇ ଯାଉଥିଲା । କାର ଗଡ଼ିଲା ମାମୁଁଘର ଗାଁ ଆମ୍ବତୋଟା ଦେଇ । ଆଖି ମୋର ଚାରି ଆଡ଼େ ଯେମିତି କାହାକୁ ଖୋଜୁଥାଏ । ହେଲେ କାହାକୁ, କେହି ବି ଚିହ୍ନା ଲୋକ ଖୋଜି ପାଇଲି ନାହିଁ । ନିଜକୁ ନିଜେ ମୁଁ ବିଶ୍ୱାସ କରି ପାରୁ ନଥିଲି । ସେତେବେଳେ ମୋ ମାଇଁ ହସି ହସି ଘର ଭିତରୁ ବାହାରି ଆସିଲେ । କହିଲେ, "କୁନି, ଏତେ ଦିନ ପରେ ତୋର ମନେ ପଡ଼ିଲା ।" ମାମୁଁ ଘର ଭିତରୁ ଡ଼ାକ ପକାଉଥିଲେ, "ମୋ ପାଖକୁ ଆସିଲୁ ମାଆ, ମୁଁ ଟିକେ ତେତେ ଭଲ କରି ଦେଖେ । ତୁ କୁଆଡ଼େ ଯା'ନା । ଏଇଠି ମୋ ପାଖରେ ବସ" ।

ଘର ଭିତରେ ପଶି ମୁଁ ଯେପରି ସ୍ଥାଣୁ ପାଲଟି ଗଲି । ଏତେ ଶୂନ୍ୟତା, ଏତେ ନୀରବତା, ଏତେ ଚୁପ ଚାପ । ଯେଉଁ ଘରେ ତିନି ମାମୁଁ, ତିନି ମାଇଁ ଆଉ ପିଲାମାନଙ୍କର କୋଳାହଳରେ ଉଚ୍ଛୁଳି ଉଠୁଥିଲା, ଆଜି ସେ ଘରେ ଅଖଣ୍ଡ ନୀରବତା ! ! ମୁଁ ସତେକି ମୁକ ପାଲଟି ଗଲି । ଏତେ ବଡ଼ ପ୍ରାସାଦ ପରି ଅଟ୍ଟାଳିକା ଭିତରେ ସବୁଆଡ଼େ ଖାଲି ଶୂନ୍ୟତା ହିଁ ଶୂନ୍ୟତା ।

ରୋଷେଇ ଘର ଆଡ଼େ ପାଦ ମୋର ଚାଲିଗଲା । କିଛି ସମୟ ସେ ଚୁଲି ପାଖରେ ଅଟକି ଗଲି । ଯେଉଁଠି ମୋତେ ମୋ ବଡ଼ ମାଇଁ ଓ ସାନ ମାଇଁ ହାତର ଓଉ ଆଚାର ଆଉ ସରୁ ବିରି ଚକୁଳିର ବାସ୍ନା ଭାସି ଆସୁଥିଲା । ମନ ଟାଣି ହୋଇଗଲା ପଛକୁ ପଛକୁ । ବଡ଼ବାଲିକୁଦା ଯଜ୍ଞ, ଯାତ୍ରା, ଉଠା ସିନେମା, ଅସଂଖ୍ୟ ଦୋକାନ କୋଳାହଳ ସବୁ କିଛି ଗୋଟି ଗୋଟି ହୋଇ ଆଖି ଆଗରେ ନାଚିଗଲେ । ଆଉ ତା ଭିତରେ ଆମେ ତିନି ଜଣ ବଡ଼ ମାମୁଁଙ୍କ ଝିଅ ତୋଫାନୀ, ସାନ ମାମୁଁଙ୍କ ଝିଅ ଲିଲି ଆଉ ମୁଁ । ଆମେ ତିନି ଜଣ କେହି କାହାକୁ ଛାଡ଼ି ରହିପାରୁ ନ ଥିଲୁ । ଯେଉଁଠି ଖୋଜିଲେ ଆମେ ତିନି ଜଣ । କଲେଜରେ ପଢିଲା ବେଳେ ବି ଆମେ ତିନି ଜଣ ଗୋଟିଏ ରୁମରେ ରହୁଥିଲୁ । କେତେ ରାଗ ରଷା, ମାନ ଅଭିମାନ ଆମ ଭିତରେ ଭରି ରହିଥିଲା, ତାର ହିସାବ ନାହିଁ ।

ସମୟ କାହାକୁ ଅପେକ୍ଷା କରେନି । ଆମେ ବି କେମିତି ଗୋଟିଏ ଜାଗାରେ ବାନ୍ଧି ହୋଇ ରହି ପାରିବୁ ! ବିବାହ ପରେ ସଭିଏଁ ଦୁରେଇଗଲୁ । ନିଜ ନିଜ ଭାଗ୍ୟକୁ ଆଦରି । ବହୁତ ବର୍ଷ ବିତିଗଲା । ବହୁତ ପାଣି ବହିଗଲା ନଈରେ । ସମୟ ସୁଅରେ କୁଟାଖିଅ ପରି ଆମେ ବି ଭାସି ଗଲୁ ।

ବଡ଼ ମାଇଁ ତାଙ୍କ ପଡ଼ୋଶୀକୁ ଡାକି ପକୁଡ଼ି ଛାଣୁଥିଲେ । ବୋଉ କହିଲା, "ଚାଲ, ମାମୁଁ ଘରର ବାଡ଼ି ପଟେ ଥିବା ପୋଖରୀ ଆଡୁ ବୁଲି ଆସିବୁ ।" ତା' ସହିତ ଗଲି । ବାଡ଼ିଟି ବୁଦି ବୁଦିଆ ଘାସ ଜଙ୍ଗଲରେ ବୁଡ଼ି ରହିଥିଲା । ତା' ଭିତରେ ଦେଇ ପୋଖରୀ ନିକଟରେ ପହଞ୍ଚିଲି । ପୋଖରୀ ହୁଡ଼ାରେ ଛିଡ଼ା ହୋଇ ନଡ଼ିଆ ବଗିଚା ଆଡ଼େ ଚାହିଁ ରହିଲି । ପୋଖରୀ ଓ ବାଡ଼ିର ଅବସ୍ଥା ଦେଖି ଭାରି କଷ୍ଟ ହେଲା ।

ପୋଖରୀ ହୁଡ଼ାରେ ଥିବା ସେଇ ଆଗର ଝରା ଶେଫାଳି ଫୁଲ ଗଛଟି ନ ଥିଲା । ଟଗର ଫୁଲ ଫୁଟି ଆଉ ହସୁ ନ ଥିଲା । କଦଳୀ ବଗିଚା ବି ନଥିଲା । ସକାଳୁ ପୋଖରୀକୁ ଗାଧୋଇବାକୁ ଗଲାବେଳେ ଝରା ଶେଫାଳି ଫୁଲ ଖୁଣ୍ଟିବାର ଖୁସି ଏବେ ବି ମୋ ମନକୁ ଆଚ୍ଛନ୍ନ କରି ରଖିଛି । ପଥରର ସୁନ୍ଦର ପାହାଚ ପୋଖରୀ ଉପରୁ ତଳ ପର୍ଯ୍ୟନ୍ତ ଲମ୍ବି ଯାଇଥିଲା । ଆଉ ତା'ଭିତରେ ଆମେ ତିନି ଭଉଣୀ, ଲିଲି, ମୁଁ ଆଉ ତୋଫାନୀ......

ପୋଖରୀ ଭିତରେ ଲିଲି ଆଉ ତୋଫାନୀ ପହଁରି ଏପଟୁ

ସେପଟ ହେବା ବେଳେ ମୁଁ କେବଳ ଗୋଟେ ଢ଼େକଚି ଧରି ଅଳ୍ପ ପାଣିରେ ପହଁରିବାକୁ ଚେଷ୍ଟା କରୁଥିଲି । ପହଁରା ଶିଖି ନଥିବାରୁ ନିଜ ଉପରେ ମୋର ବହୁତ ରାଗ ବି ଆସୁଥିଲା । ଆଉ ସେଇ ପାଣି ଭିତରେ ଗୋଟାଏ ସୁନ୍ଦର ଜଳପରୀ ପରିକା ଏପଟରୁ ସେପଟକୁ ଭାସି ବୁଲୁଥିଲା ମୋର ଆଦରର ସାନ ଭଉଣୀ ଗେହ୍ଲେଇ ତୋଫାନୀ, ଆଉ ମୋତେ କହୁଥିଲା, "ତୁ ଡର ନା କୁନି ଦେଇ, ମୁଁ ତୋତେ ପହଁରା ଶିଖେଇଦେବି । ମୁଁ କିନ୍ତୁ ଜମା ଶିଖି ପାରେନି । ଖାଲି ଦୁଇ ତିନିଥର ବୁଡ଼ି ପାଣି ପିଇବା ହିଁ ମୋ ପାଇଁ ସାର ହୁଏ ।

ବୋଉ ଗପି ଚାଲିଥିଲା ଭାଉଜଙ୍କ ଆଗରେ । ସମସ୍ତେ ବାହାରେ ରହୁଛନ୍ତି । ମାମୁଁ ମାଇଁଙ୍କୁ ସହର ଭଲ ଲାଗୁନି । ସେ କଂକ୍ରିଟ ଜଙ୍ଗଲ ଭିତରେ କ'ଣ ମଣିଷପଣିଆ ଅଛି ଯେ ଆଉ !

ହେଲେ ଯେ କ'ଣ ମୋ ଆଖି ଆଗରେ, ମୁଁ ଆଉ ବିଶ୍ୱାସ କରି ପାରୁନି । ପୋଖରୀରେ ପାଣି ପୂରି ରହିଥିଲା ଆଉ ତା ଭିତରୁ ହସ ବି ଶୁଭୁଥିଲା । ସେଇ ପାଣି ଭିତରେ ମୋ ଆଦରର ଗେହ୍ଲା ଭଉଣୀ ତୋଫାନୀ ନୀଳପରୀଟିଏ ପରି ମୋତେ ଚାହିଁ ହସୁଥିଲା । ତା'ର ସେଇ କଥା କୁହା ଆଖି ଯୋଡ଼ିକ ଚାହିଁ ରହିଥିଲା ମୋତେ । ଯେପରିକି କ'ଣ କହିବି କହିବି ହେଉଛି ମୋତେ, ଅଥଚ କହି ପାରୁନି । ଅଜାଣତରେ ମୋ ପାଟିରୁ ବାହାରି ଗଲା "ଆରେ ତୋଫାନୀ ! ତୁ କେତେବେଳେ ଆସିଲୁ ?"

ଏତକ କହି ପଥର ପାହାଚ ତଳକୁ ଓହ୍ଲେଇ ଆସିବା ବେଳକୁ ମୋତେ ବୋଉ ଧରି ନେଲା । କହିଲା, " କାହିଁ ଲୋ କୁନି ? କିଏ ? ତୁ କୁଆଡ଼େ ସେଇ ଜଙ୍ଗଲ ଆଡ଼କୁ ପଶୁଛୁ ? ? କାହିଁ ତୋଫାନୀ ? ? ? ସିଏ ପରା ଚାରି ବରଷ ହେଲାଣି ଆର ପାରକୁ ଚାଲି ଗଲାଣି ! ସଞ୍ଜ ହେବା ଦର୍ଶାଇ ମୋ ହାତ ଧରି ଟାଣି ଆଣିଲା ।

ସେଇମିତି, ମୁଁ ସ୍ଥାଣୁ ପାଲଟି ଯାଇଥିଲି । ହେଲେ, ଏବେ ବି ମୋ ଆଖି ଆଗରେ ସେଇ ନୀଳ କଇଁ ପରିକା ଆଖି ଦୁଇଟି ତା'ର କିଛି କହିବାକୁ ଚାହୁଁଥିଲା, କିନ୍ତୁ କହି ପାରୁ ନଥିଲା ।

ଚାରି ଆଡ଼େ ଖାଲି ଶୂନ୍ୟତା । ଖାଲି ତୋଫାନୀର ଅନ୍ତସ୍ୱର । ଖାଲି ତୋଫାନୀ, ତୋଫାନୀ ଆଉ ତୋଫାନୀ... ।

ପୁରୀଘାଟ, କଟକ-୯

# 'ଆଦି ଶ୍ରୀକ୍ଷେତ୍ର' ତେନ୍ତୁଳିଖୁଣ୍ଟି ଓ ବିଶ୍ୱାବସୁ ତ୍ରୀଲୋଚନ ଭୋଇ

ଡା. ବନୋଜ କୁମାର ରାୟ

ଜଗତର ନାଥ ଜଗନ୍ନାଥଙ୍କ ଆଦିମ ପରିପ୍ରକାଶ ହେଉଛନ୍ତି ନୀଳମାଧବ । ଶବର ରାଜା ବିଶ୍ୱାବସୁର ବଂଶଧରମାନେ କାହିଁ କେତେ ପୁରୁଷ ଧରି ଅତ୍ୟନ୍ତ ଗୋପନରେ ଏହି ନୀଳମାଧବଙ୍କର ପୂଜା ଆରାଧନା କରୁଥିଲେ । ନା ସେମାନଙ୍କୁ ଜଣାଥିଲା ଶାସ୍ତ୍ରୀୟ ପୂଜା ପଦ୍ଧତି, ମନ୍ତ୍ର ତନ୍ତ୍ର ନା ପୂଜା ପାଇଁ ଦରକାର ଥିଲା ବିଭିନ୍ନ ପ୍ରକାରର ବେଶ, ଭୋଗରାଗ, ଫଳ ଫୁଲ । ଜଙ୍ଗଲ ଝରଣା ପାଣି, ଫଳଫୁଲ ଥିବା ସେମାନଙ୍କର ପୂଜାର ମାଧ୍ୟମ ମାତ୍ର । ମନ, ପ୍ରାଣ, ହୃଦୟରେ ଥିବା ବିଶୁଦ୍ଧ, ନିଷ୍କାମ, ଶାଶ୍ୱତ, ଭକ୍ତି ପ୍ରେମ ହିଁ ଥିଲା ପୂଜାର ଶ୍ରେଷ୍ଠ ସମ୍ବଳ । ଭକତ ଭାବରେ ବନ୍ଧା ପ୍ରଭୁ କାହିଁ କେତେ ଶହ କି ହଜାର ବର୍ଷ ଧରି ଏପରି ପୂଜା ପାଇ ଆସୁଥିଲେ । ରାଜା ଇନ୍ଦ୍ରଦ୍ୟୁମ୍ନ ଆର୍ଯ୍ୟାବର୍ତ୍ତରେ ଭକ୍ତିର ଗଙ୍ଗା ପ୍ରବାହ ପାଇଁ ଭଗବାନଙ୍କୁ ଅତ୍ୟନ୍ତ ବ୍ୟାକୁଳତାର ସହ ପ୍ରାର୍ଥନା କରନ୍ତି । ଜଗତର ମଙ୍ଗଳ ପାଇଁ ନୀଳମାଧବ ପରିବର୍ତ୍ତିତ ହୁଅନ୍ତି ସତ୍ୟମ-ଶିବମ୍-ସୁନ୍ଦରମ୍ ରୂପ 'ଜଗନ୍ନାଥ'ରେ । ଆରମ୍ଭ ହୁଏ ସ୍ୱତନ୍ତ୍ର ବେଶପାଟୀ, ଷାଠିଏ ପଉଟି, ଅମୃତ ମଣୋହୀ, ରଥଯାତ୍ରା ତଥା ଶହ ଶହ ପର୍ବପର୍ବାଣୀ ଓ ରୀତିନୀତି ବ୍ୟବସ୍ଥା । ଏସବୁର ପରିଚାଳନା ପାଇଁ ଗଜପତି, ଛତିଶା ନିଯୋଗ, ଦଇତା ନିଯୋଗ, ଦେବଦାସୀ ପରମ୍ପରା ଗଢ଼ିଉଠେ । ଆର୍ଯ୍ୟ, ଦ୍ରାବିଡ଼, ଶବର ସଂସ୍କୃତିର ମିଳନରେ ତିଆରି ହୁଏ ସ୍ୱତନ୍ତ୍ର ଜଗନ୍ନାଥ ସଂସ୍କୃତି । ଶବର ରାଜା ବିଶ୍ୱାବସୁଙ୍କର ଭକ୍ତି, ବିଶ୍ୱାସର ପଟାନ୍ତର ନାହିଁ । ସେ ହିଁ ନିତ୍ୟ ଦର୍ଶନ କରୁଥିଲେ ପରମବ୍ରହ୍ମଙ୍କୁ । ଦେବ ଦୁର୍ଲଭ ଅମୃତ ସେ ହିଁ ପାଉଥିଲେ ପ୍ରସାଦ ରୂପେ ଦାରୁବ୍ରହ୍ମଙ୍କୁ ସେ ହିଁ କେବଳ ଶୂନ୍ୟ ଶୂନ୍ୟ ଉଠାଇ ଆଣିଥିଲେ ଇନ୍ଦ୍ରଦ୍ୟୁମ୍ନଙ୍କ ରାଜପ୍ରସାଦକୁ । ଏହି ଭକ୍ତଶ୍ରେଷ୍ଠାଙ୍କୁ ସ୍ୱୟଂ ଜଗନ୍ନାଥ ପ୍ରଦାନ କରିଥିଲେ ଅଭୟ ଓ ମୁକ୍ତି । ରାଜା ଇନ୍ଦ୍ରଦ୍ୟୁମ୍ନ ଓ ରାଣୀ ଗୁଣ୍ଡିଚା ତାଙ୍କର ଭକ୍ତି ଆଗରେ ହୋଇଥିଲେ ନତମସ୍ତକ ।

ଆଜି ପୃଥିବୀର କୋଣ ଅନୁକୋଣରେ ପ୍ରତିଷ୍ଠିତ ହୋଇଛନ୍ତି ଜଗନ୍ନାଥ ଓ ତାଙ୍କର ମନ୍ଦିର । ସବୁ ଦେଶ, ମହାଦେଶ ଏପରିକି ଆଣ୍ଟାର୍କଟିକାରେ ମଧ୍ୟ ଉଡ଼ିଛି ପତିତପାବନ ବାନା ଓ ଚାଲିଛି ନନ୍ଦିଘୋଷ ରଥ । ପୁରୀ ସୁଦୃଶ୍ୟ ଦ୍ୱାଦଶ ଶତାବ୍ଦୀ ଶ୍ରୀମନ୍ଦିର ପୂର୍ବରୁ ମଧ୍ୟ ରାଜ୍ୟ, ଦେଶର ଅନେକ ଜାଗାରେ ଜଗନ୍ନାଥ ମନ୍ଦିର ଥିଲା । ଅନେକ ପ୍ରାଚୀନ ଭଗ୍ନାବଶେଷରୁ ଏହାର ପ୍ରମାଣ ମିଳେ । ଜଗନ୍ନାଥ ତଥା ଚତୁର୍ଦ୍ଧାମୂର୍ତ୍ତି ଦାରୁବ୍ରହ୍ମ ରୂପେ ପୂଜା ପାଇବା ପୂର୍ବରୁ ପ୍ରସ୍ତର ନିର୍ମିତ ମୂର୍ତ୍ତି ମାଧ୍ୟମରେ ପୂଜା ପାଉଥିଲେ ଯାହା ଐତିହାସିକ ମାନଙ୍କର ମତ ତଥା ପ୍ରମାଣିତ ମଧ୍ୟରେ ଜଗନ୍ନାଥ ସଂସ୍କୃତି ପୁରୀର ବ୍ୟାପ୍ତ ହେବା ଆଗରୁ ଶବର (ଆଦିବାସୀ) ସଂସ୍କୃତିରେ ଏହାର ପ୍ରସାର ଘଟିଥିଲା ।

ନିଶାର୍ଦ୍ଧ ରାତିରେ ନିଜର ଭଙ୍ଗା କୁଡ଼ିଆ ଘରେ ଶୋଇଥିଲେ ଆଦିବାସୀ ଯୁବକ ତ୍ରୀଲୋଚନ ଭୋଇ । ହଠାତ୍ ଉଠି ପଡ଼ିଲେ ବିଛଣାରୁ ଏକ ସ୍ୱପ୍ନ ଦେଖି । ଦେହରୁ ଗମ୍ ଗମ୍ ଝାଳ ବାହାରୁଛି, ହାତ ଗୋଡ଼ ଥରୁଅଛି, ପାଟିରୁ ଗୋଟିଏ ବି ଶବ୍ଦ ବାହାରୁ ନାହିଁ । ଅନେକ କଷ୍ଟରେ ସେ ଦୁଇହାତ ଯୋଡ଼ିଲେ । ଥରି ଥରିଲା କଣ୍ଠରେ ଗୁଣୁ ଗୁଣେଇ ହେଲେ, "ହେ ପରଭୁ ଜଗନ୍ତନାଥ....... ଜଗାପେନୁ...... ଜଗାବୁଇ.... ତୁଇ ଏକା ସାହା ।"

ବଡ଼ି ଭୋରରୁ ଉଠି କୋଦାଳଟା ଧରି ବାହାରି ପଡ଼ିଲେ ତ୍ରୀଲୋଚନ । ଏକ ନିଶ୍ୱାସରେ ଗାଆଁ ଶେଷ ମୁଣ୍ଡ ତେଲ ନଈକୂଳସ୍ଥ ପଡ଼ିଆର ଏକ ନିର୍ଦ୍ଦିଷ୍ଟ ଜାଗାକୁ ଖୋଳିବାକୁ ଲାଗିଲେ । ଏ କ'ଣ ! ସେ ଯେତେ ଖୋଳୁଛନ୍ତି, ମୂର୍ତ୍ତିଟି ସେତିକି ସେତିକି ଭିତରକୁ ଥିଲା ପରି ଜଣାପଡୁଅଛି । ତାଙ୍କର ଏ କାର୍ଯ୍ୟ ଦେଖି ସାହି ପଡ଼ିଶା କିଛି ଲୋକ ଜମା ହୁଅନ୍ତି । ତାଙ୍କଠାରୁ ଶୁଣି ଓ ମୂର୍ତ୍ତିକୁ ଦେଖି ସେମାନେ ମଧ୍ୟ ମାଟି ଖୋଳିବା କାମରେ ଲାଗିପଡ଼ନ୍ତି । ବିଜୁଳି ବେଗରେ ଏ ଘଟଣା ପ୍ରଚାର ହୋଇଯାଏ, ତେନ୍ତୁଳିଖୁଣ୍ଟି ଓ ଏହାର ଆଖପାଖ ଗାଆଁମାନଙ୍କରେ । ଶହ ଶହ ଲୋକ ଯୋଗ ଦିଅନ୍ତି । ବିସ୍ତିର୍ଣ୍ଣ ପଡ଼ିଆରେ ଖୋଳିବାରେ ଲାଗିପଡ଼ନ୍ତି ସମସ୍ତେ । ଜଗନ୍ନାଥ, ବଳଭଦ୍ର, ସୁଭଦ୍ରାଙ୍କର ପ୍ରସ୍ତର ମୂର୍ତ୍ତି ଉଦ୍ଧାର ହୁଏ । ହସ୍ତପାଦ ବିହୀନ ସଳଖ ପ୍ରସ୍ତରରେ ଚିତ୍ରିତ ହୋଇଛନ୍ତି ମହାପ୍ରଭୁମାନେ । ମୁଖ ଓ ଶରୀର ଗଠନ ସମାନ । ଚକ୍ର, ଲଙ୍ଗଳ, ଶକ୍ତି ଚିହ୍ନରୁ ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା ଜଣାପଡ଼େ । ଗୋଟିଏ ପରେ ଗୋଟିଏ କ୍ରମରେ ଗରୁଡ଼, ବନଦୁର୍ଗା, ସରସ୍ୱତୀ, ଲକ୍ଷ୍ମୀ, ଶିବ ଓ ଅନ୍ୟାନ୍ୟ ଅସ୍ପଷ୍ଟ ମୂର୍ତ୍ତିମାନ ଆବିଷ୍କୃତ ହୁଅନ୍ତି । ଆଖପାଖ ଖୋଳାରୁ ବାହାରେ ପନ୍ଦର କୋଡ଼ିଏଟି ଅସ୍ପଷ୍ଟ କାରୁକାର୍ଯ୍ୟ ବିହୀନ ପଥର ଖଣ୍ଡରେ ଚିତ୍ରିତ ମୂର୍ତ୍ତିମାନ ଯଥା ଏକ ବିଶାଳ ଚଟାଣ ସଦୃଶ ବର୍ଗାଗାର ପ୍ରସ୍ତରଖଣ୍ଡ ଯେଉଁଠାରେ ପ୍ରସ୍ଫୁଟିତ ପଦ୍ମଫୁଲ ଖୋଦିତ ହୋଇଅଛି, ଭଙ୍ଗାରୁଜା ମନ୍ଦିରର ଦଧିନଉତି, ଅଳ୍ପ କାରୁକାର୍ଯ୍ୟପୂର୍ଣ୍ଣ ମୂର୍ତ୍ତି ସାଙ୍ଗକୁ ଏକ ପଥରରେ ଭଗବାନ ବିଷ୍ଣୁଙ୍କର ଅନନ୍ତ ଶୟନ ମୂର୍ତ୍ତି ମଧ୍ୟ ଉଦ୍ଧାର କରାଯାଏ ।

ତେନ୍ତୁଳିଖୁଣ୍ଟିରୁ ଏ ଘଟଣା ରିୟାମାଲ, ତୁଷୁରା, ଗୁଡ଼ଭେଲା, ସମଗ୍ର ବଲାଙ୍ଗୀର ଜିଲ୍ଲା ଡେଇଁ ସାରା ଓଡ଼ିଶାରେ ବ୍ୟାପିଯାଏ । ହଜାର ହଜାର ଲୋକ ଏକତ୍ରୀତ ହୁଅନ୍ତି ମୂର୍ତ୍ତିଗୁଡ଼ିକୁ ଦର୍ଶନ ପାଇଁ । ଜିଲ୍ଲା ପ୍ରଶାସନ ମଧ୍ୟ ତତ୍ପର ହୁଏ । ଲୋକମାନେ ଗୋଟିଏ ଜାଗାରେ, ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା ଓ ଗରୁଡ଼ଙ୍କର ମୂର୍ତ୍ତି ରଖି ପୂଜାକରନ୍ତି । ଅନ୍ୟ ଜାଗାରେ ପଦ୍ମପାଖୁଡ଼ାର ଚଟାଣ (ଯାହା ଶିବଲିଙ୍ଗ ପରି ମଧ୍ୟ ଦୃଶ୍ୟ ହେଉଅଛି) ପଦ୍ମେଶ୍ୱର ଶିବ ନାମରେ ନାମିତ କରି ଅନ୍ୟାନ୍ୟ ମୂର୍ତ୍ତି ସହିତ ରଖନ୍ତି । ଅନନ୍ତ ଶୟନ ମୂର୍ତ୍ତି ସହିତ ଅନ୍ୟାନ୍ୟ ଅସ୍ପଷ୍ଟ ପଥର ଖୋଦିତ ମୂର୍ତ୍ତିମାନ ଅଲଗା ଗୋଟିଏ ଜାଗାରେ ରଖି ପୂଜା ଆରାଧନାର ବ୍ୟବସ୍ଥା କରନ୍ତି । ତ୍ରୀଲୋଚନ ମଧ୍ୟ ପୂଜା ଆରାଧନାରେ ଭାଗ ନିଅନ୍ତି ।

୨୦୦୨ ମସିହାରେ ଆବିଷ୍କୃତ ଏ ଘଟଣା ଓଡ଼ିଶାର ବିଭିନ୍ନ ପତ୍ରପତ୍ରିକାରେ ପ୍ରକାଶ ପାଏ । ସେତେବେଳେ ପଢ଼ିଥିବା ଏ ବିଷୟରେ ଅଧିକ ଜାଣିବାକୁ, ଦେଖିବାକୁ ଇଚ୍ଛା ଥିଲେ ମଧ୍ୟ ତାହା ସମ୍ଭବ ହୁଏ ଗତମାସ 'ଶ୍ରୀବାଣୀ' ପତ୍ରିକା ପାଇଁ ବିଦ୍ୟାବାଚସ୍ପତି ଶ୍ରୀନିବାସ ଉଦ୍‌ଗାତାଙ୍କର ସାକ୍ଷାତକାର ଆଣିବାପାଇଁ ବଲାଙ୍ଗୀର ଯାଇଥାଏ । ସେ ମୋର ଜଣେ ଅନୁଜ ତଥା 'ସଭା'ର ବଲାଙ୍ଗୀର ଜିଲ୍ଲା ପ୍ରତିନିଧି ଡା. ପ୍ରବୀଣ କୁମାର ମିଶ୍ରଙ୍କ ସହ । ସାକ୍ଷାତକାର ସମାପ୍ତେ ତେନ୍ତୁଳିଖୁଣ୍ଟି ଯାତ୍ରା ପାଇଁ ବାହାରିପଡ଼ିଲୁ । ମାତ୍ର ଏହା ପୂର୍ବରୁ ବଲାଙ୍ଗୀରର କିଛି ଐତିହାସିକ, ଭୂ-ବିଜ୍ଞାନୀ, ଇତିହାସ ବିଭାଗର ଅଧ୍ୟାପକ ମାନଙ୍କର ମତାମତ ସଂଗ୍ରହ କରିବା ପାଇଁ ପ୍ରଥମେ ଗଲୁ ।

ବିଶିଷ୍ଟ ଐତିହାସିକମାନଙ୍କ ମତରେ ପୁରୀରେ ଶ୍ରୀମନ୍ଦିର ପ୍ରତିଷ୍ଠା କରିଥିବା ଗଙ୍ଗବଂଶୀ ରାଜାମାନଙ୍କ ପୂର୍ବରୁ କେଶରୀ ବଂଶୀ ରାଜାମାନେ କଳିଙ୍ଗ ଶାସନ କରୁଥିଲେ । ଏହି ବଂଶ ସାମ୍ରାଜ୍ୟ ଖୋର୍ଦ୍ଧା, ଉପକୂଳବର୍ତ୍ତୀ ଓଡ଼ିଶା (ଯାଜପୁର, ପୁରୀ, କଟକ ଇତ୍ୟାଦି ଅଞ୍ଚଳ)ରେ ବିସ୍ତାର ପୂର୍ବରୁ ସୋନପୁର (ପୁରାତନ ନାମ ବିନୀତପୁର) ଅଞ୍ଚଳରେ ବ୍ୟାପ୍ତ ଥିଲା । ଏ ବଂଶର ଶ୍ରେଷ୍ଠ ରାଜା ଯଯାତି କେଶରୀ ଉପକୂଳ ଅଞ୍ଚଳ ଦଖଲ କରି ତାଙ୍କ ରାଜଧାନୀ ଉଠାଇ ଆଣିଥିଲେ ଯଯାତିପୁର (ବର୍ତ୍ତମାନ ଯାଜପୁର) । କେଶରୀ ବଂଶ ରାଜାମାନେ ବିଷ୍ଣୁଭକ୍ତ ଥିଲାବେଳେ ପ୍ରଜାମାନେ (ମୁଖ୍ୟତଃ ଶବର, ସୌର ଆଦିବାସୀମାନେ) ପ୍ରକୃତି ବିଶ୍ୱାସୀ ଥିଲେ । ସେମାନଙ୍କର ଦେବତା 'କିତୁଙ୍ଗ' କାଳକ୍ରମେ ତିନିଖଣ୍ଡ ପଥରରେ ପୂଜିତ ହେଉଥିଲେ ଜଗନ୍ନନାଥ, ଜଗାପେନ୍ନୁ, ଜଗାବୁଇ ନାମରେ । ଏହି ପଥର ଖଣ୍ଡରେ ତିନି ଦେବତାଙ୍କର ଚିହ୍ନମାନ ଚିତ୍ରିତ ହେଉଥିଲା (ଜଗନ୍ନନାଥ- ଚକ୍ର, ଜଗାପେନୁ-ଲଙ୍ଗଳ, ଜଗାବୁଇ- ଶକ୍ତି) ଏହି କେଶରୀ ବଂଶୀ ରାଜାମାନେ ପ୍ରଜାଙ୍କ ଭକ୍ତି ବିଶ୍ୱାସକୁ ସମ୍ମାନ ଜଣାଇ ବିଭିନ୍ନ ଜାଗାରେ ମନ୍ଦିରମାନ ନିର୍ମାଣ କରି ସେଠାରେ ଏହି ମୂର୍ତ୍ତି ପ୍ରତିଷ୍ଠା କରିଥିଲେ । ଏହି ପରମ୍ପରା ସୋନପୁରରୁ ଉପକୂଳକୁ ପ୍ରସାରିତ ହୋଇଥିଲା ଓ ଶବର ଦେବତା ଜଗନ୍ତନାଥ, ଜଗାପେନ୍ନୁ, ଜଗାବୁଇ ରୂପାନ୍ତରିତ ହୋଇଥିଲେ ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା ନାମରେ । କେଶରୀ ବଂଶପରେ ଗଙ୍ଗବଂଶ ଏବଂ ପରେ ସୂର୍ଯ୍ୟବଂଶୀ ରାଜା (କପିଳେନ୍ଦ୍ରଦେବ, ପୁରୁଷୋତ୍ତମ ଦେବ, ପ୍ରତାପରୁଦ୍ରଦେବ)ଙ୍କ ଶାସନ କାଳରେ ଜଗନ୍ନାଥ ରାଷ୍ଟ୍ରଦେବତାର ସମ୍ମାନ ଲାଭକରିଥିଲେ ।

ଅନେକ ପଚାରି ପଚାରି ଆମେ ତେନ୍ତୁଳିଖୁଣ୍ଟି ଗାଆଁରେ ପହଞ୍ଚିଲୁ । ବର୍ଷା ଝିପି ଝିପି ହେଉଥାଏ । ସମୟ ଅପରାହ୍ନ ପାଞ୍ଚଟା ହେବ । ଗାଆଁ ଶେଷମୁଣ୍ଡରୁ ଗନ୍ତବ୍ୟ ସ୍ଥଳ ପ୍ରାୟ ଏକ କି.ମି. ରାସ୍ତା ପାଦଚଲା ରାସ୍ତା । ରାସ୍ତା ତ ନୁହେଁ ଚାଷଜମି ହିଡ଼ । ମଝିରେ ମଝିରେ ବର୍ଷାପାଣିରେ ହିଡ଼ ଧୋଇ ହୋଇ ଯାଇଛି (ଘଳିଆ ପଡ଼ିଛି) କେଉଁଠି ଆଣ୍ଠୁଏ ତ କେଉଁଠି ଅଣ୍ଟାଏ ପାଣି । ଏତେ ପରିଶ୍ରମ କରି ଏତେ ଦୂରକୁ ଆସିଛୁ ଯେତେବେଳେ ଯିବାକୁ ତ ପଡ଼ିବ । ଗନ୍ତବ୍ୟ ଜାଗାରେ ପହଁଞ୍ଚିଲା ବେଳକୁ ସନ୍ଧ୍ୟା ହୋଇଯାଇଥାଏ । କେବଳ ଦୁଇଟି କୁଡ଼ିଆ ଆମର ଦୃଷ୍ଟିଗୋଚର ହେଲା । କୁଡ଼ିଆ ଭିତରକୁ ଅଗ୍ରସର ହୁଅନ୍ତେ ଜଣେ ଜୀର୍ଣ୍ଣକାୟ ମଧ୍ୟମ ବୟସ୍କ ବ୍ୟକ୍ତିଙ୍କୁ ଦ୍ୱାରଦେଶରେ ଦେଖିଲୁ । କୁଡ଼ିଆ ଭିତରେ ମାଟିର ସିଂହାସନରେ ଦୁଇଟି ପଥର ମୂର୍ତ୍ତି ବିରାଜମାନ ଥିଲେ । ମୂର୍ତ୍ତି ଦୁଇଟିଙ୍କର ଗଠନ ଶୈଳି, ଆକାର ଉଚ୍ଚତା, ବେଶପୋଷାକ ସମାନ ଥିଲା । ମୁଖର ରଙ୍ଗରୁ ଜଗନ୍ନାଥ, ବଳଭଦ୍ର, ଜଣାପଡୁ ଥିଲେ ମାତ୍ର ଆଖି ଭୟଙ୍କର ଗୋଲ ଗୋଲ ଥିଲା । ସମ୍ମୁଖରେ ଗରୁଡ଼ଙ୍କର ମୂର୍ତ୍ତି ଥିଲା । ଆମ ପାଖରେ ଦଣ୍ଡାୟମାନ ବ୍ୟକ୍ତି ଜଣଙ୍କ ହିଁ ତ୍ରୀଲୋଚନ ଭୋଇଥିଲେ । କି ଆଶ୍ଚର୍ଯ୍ୟ! ତାଙ୍କୁ କିଛି ପଚାରିବା ପୂର୍ବରୁ ଆମ୍ଭମାନଙ୍କୁ ତାଙ୍କୁ ଅନସୁରଣ କରିବାକୁ କହିଲେ । ଏ କୁଡ଼ିଆରେ ସନ୍ଧ୍ୟାଆଳତି ସାରି ସେ ଅନ୍ୟ କୁଡ଼ିଆକୁ ତା'ପରେ କୁଡ଼ିଆ ଆଗରେ ପଡ଼ିଥିବା ପଥରର କିଛି ଅସ୍ପଷ୍ଟ ମୂର୍ତ୍ତି ସମ୍ମୁଖରେ ମଧ୍ୟ ଆଳତି କଲେ ।

ଦୁଇ କୁଡ଼ିଆ ତଥା ପଡ଼ିଆରେ ବିକ୍ଷିପ୍ତଭାବରେ ପଡ଼ିଥିବା ମୂର୍ତ୍ତିଗୁଡ଼ିକୁ ଦେଖି ଏତେ ଦିନର ଆଶା, ଆକାଂକ୍ଷା, ଉତ୍ସାହ ଉଦ୍ଦୀପନା ସବୁ ତତ୍‌କ୍ଷଣାତ ମିଳାଇଗଲା । ମନ, ହୃଦୟ, ପ୍ରାଣରେ ଅବଶୋଷ, କୋହ । ସୁଭଦ୍ରା ମୂର୍ତ୍ତି କାହିଁ? କାହିଁ ଅନନ୍ତ ଶୟନ ମୂର୍ତ୍ତି, ଲକ୍ଷ୍ମୀ, ସରସ୍ୱତୀ, ବନଦୁର୍ଗାଙ୍କ ମୂର୍ତ୍ତି ? ତ୍ରୀଲୋଚନଙ୍କଠାରୁ ଯାହା ଉତ୍ତର ପାଇଲୁ ଦୁଃଖ, ଲଜ୍ଜା, ହତାଶରେ ମୁଣ୍ଡ ତଳକୁ ନଇଁଗଲା ।

ବଣମଲ୍ଲୀ ବଣରେ ଫୁଟି ଝଡ଼ି ପଡ଼ିଲା ପରି କିଛି ଦିନ ଭିତରେ ସମସ୍ତେ ଭୁଲିଯାଆନ୍ତି ଏ ଘଟଣା ତଥା ଆବିଷ୍କୃତ

ମୂର୍ତ୍ତିମାନଙ୍କୁ । ୨୦୦୨ ମସିହାରେ ଆବିଷ୍କୃତ ହୋଇଥିବା ଏହି ମୂର୍ତ୍ତିଗୁଡ଼ିକର ସୁରକ୍ଷା ପାଇଁ ଜିଲ୍ଲା ପ୍ରଶାସନ ତରଫରୁ ସାମାନ୍ୟ ଉଦ୍ୟମ ମଧ୍ୟ ହୁଏ ନାହିଁ । ରକ୍ଷଣାବେକ୍ଷଣର ଘୋର ଅଭାବ ପରିଲକ୍ଷିତ ହୁଏ । ଆବିଷ୍କୃତ ଜାଗାକୁ ରାସ୍ତା ଖଣ୍ଡିଏ ମଧ୍ୟ ନାହିଁ । ଦୁର୍ବୃତ୍ତ ତଥା ମୂର୍ତ୍ତିଚୋରମାନେ ମୂର୍ତ୍ତି ଚୋରିକରିବା ଆରମ୍ଭ କରିଦିଅନ୍ତି । ସୁନ୍ଦର ସୁନ୍ଦର ମୂର୍ତ୍ତିମାନ ରାତିରେ ଗାଏବ ହୁଏ । କେହି ଦୁର୍ବୃତ୍ତ ରାତିରେ ଅନନ୍ତ ଶୟନ ମୂର୍ତ୍ତି ଚୋରି କରି ନେବାବେଳେ, ନଦୀରେ ପାରି କରି ନପାରି ନଦୀକୂଳରେ ଫୋପାଡ଼ି ଦେଇ ପଳାଏ । ଆଖପାଖ ଗାଆଁ ଗଣ୍ଡାରେ ବିଭିନ୍ନ ମନ୍ଦିର ପ୍ରତିଷ୍ଠା ବେଳେ ଏଠାରୁ ଦେବୀ, ଶକ୍ତି ମୂର୍ତ୍ତିମାନ ଆସି ନେଇଯାଆନ୍ତି । ଏ ପ୍ରକ୍ରିୟା ବର୍ଷ ବର୍ଷ ଧରି ଚାଲୁଅଛି, ଏବେ ମଧ୍ୟ । ତ୍ରିଲୋଚନଙ୍କ ସହିତ ପାଖ ଗାଆଁରେ ଗୋଟାଏ ପିଲା ଠାକୁରମାନଙ୍କ ପୂଜା, ଆଳତୀରେ ତାଙ୍କୁ ସାହାର୍ଯ୍ୟ କରେ । ସେ ପିଲାଟି ଗୋଟିଏ ଅମାବାସ୍ୟା ରାତିରେ ଏଠାରୁ ସୁଭଦ୍ରାଙ୍କ ମୂର୍ତ୍ତି ଉଠାଇ ନେଇ ତା' ଘର ପଛପଟରେ ପୋତି ତନ୍ତ୍ର ସାଧନା କରୁଛି । ତାକୁ ସେ ଅଞ୍ଚଳର କିଛି ତାନ୍ତ୍ରୀକ, ଗୁଣିଆ ସେପରି କଲେ ସେ ବଡ଼ ତାନ୍ତ୍ରୀକ ତଥା ଧନୀ ହୋଇପାରିବ ବୋଲି କହିଥିବାର ଶୁଣାଯାଏ ।

ଅତ୍ୟନ୍ତ ଅସହାୟ ଅବସ୍ଥାରେ ଠାକୁରମାନେ ପଡ଼ିଛନ୍ତି ସେଇ ତେଲନଦୀ କୂଳ ପଡ଼ିଆରେ । ପ୍ରାୟ ଆଠ ବର୍ଷ ସେପରି ପଡ଼ିଲାପରେ ଗ୍ରାମବାସୀମାନେ ମାଟିର କାନ୍ଥ କରି ଛଣ ଛପର ଘର ଦୁଇଟି ତିଆରି କରିଛନ୍ତି । ତ୍ରିମୂର୍ତ୍ତି ଜଗନ୍ନାଥ, ବଳଭଦ୍ର, ସୁଭଦ୍ରାଙ୍କୁ ପାରମ୍ପରିକ ହଳଦିଆ, ଧଳା, ନାଲି ରଙ୍ଗରେ ଚିତ୍ରୀତ କରି ପୂଜାର ବ୍ୟବସ୍ଥା କରନ୍ତି । ମାତ୍ର ତାହା ଦୁଇମାସ ଚାଲେ । ପ୍ରାୟ ତିନି ବର୍ଷ ହେବ ଏ ମୂର୍ତ୍ତିମାନଙ୍କୁ ପୂଜା କରାଯାଉ ନାହିଁ । ତ୍ରିଲୋଚନ ଭୋଇ ନିଜ ଘରୁ (ଅତ୍ୟନ୍ତ ଅସହାୟ ଅବସ୍ଥାରେ ଝାଟିମାଟି ଘରେ ଚାରିପ୍ରାଣୀ କୁଟୁମ୍ବଙ୍କୁ ନେଇ ଚଳୁଥିବା ଦୈନିକ ଦିନ ମଜୁରିଆ) ଯାହା କିଛି ଭୋଗ ତଥା ଫୁଲ ନେଇ ଦୈନିକ ଠାକୁରମାନଙ୍କୁ ନିଜର ଭକ୍ତିରେ ବିନା ମନ୍ତ୍ର, ଶ୍ଳୋକରେ ପୂଜା କରନ୍ତି । ଅନନ୍ତ ଶୟନ ମୂର୍ତ୍ତି ସହିତ ପ୍ରାୟ କୋଡ଼ିଏଟି ମୂର୍ତ୍ତି ଗାଏବ । । କେବଳ ଅସ୍ପଷ୍ଟ ଦୃଶ୍ୟ ହେଉଥିବା ମୁର୍ତ୍ତିମାନ, ପଥରଖଣ୍ଡ, ଦଧିନଉତି ଯାହା ପଡ଼ିରହିଛି ।

ତ୍ରିଲୋଚନ ଭୋଇ, ପଚାଶ ବର୍ଷର ଶାନ୍ତ, ସରଳ, ନିଷ୍କପଟ ମଣିଷଟିଏ । କଳା ରଙ୍ଗ, ଲମ୍ବା କୁଞ୍ଚ ବାଳଥିବା ଏହି ବ୍ୟକ୍ତିଜଣକ ଆଣ୍ଠୁ ଲୁଚୁନଥିବା ଧଳା ଲୁଗାଖଣ୍ଡିଏ ପିନ୍ଧନ୍ତି । ସ୍ୱପ୍ନାଦେଶ ତଥା ମୂର୍ତ୍ତିଉଦ୍ଧାର ପୂର୍ବରୁ ଆନ୍ଧ୍ର, ଛତିଶଗଡ଼ ଯାଇ ଇଟାଭାଟିରେ ଦାଦନ କାମ କରନ୍ତି ମାତ୍ର ଏବେ ସେସବୁ ବନ୍ଦ । ତାଙ୍କ ବିନା ଠାକୁରମାନଙ୍କୁ ପୂଜିବ କିଏ ? ଦୈନିକ ବଡ଼ିଭୋରରୁ ଉଠି ଗାଧୋଇ ଠାକୁରଙ୍କ ପାଖରେ ଧୂପ, ଦ୍ୱୀପ, ଦିଅନ୍ତି । ନଡ଼ିଆ ଫଳମୂଳ ମିଳିଲା ତ ବଡ଼କଥା ନହେଲେ କଦଳୀ ଗୁଡ଼, ଖଇ ଭୋଗ ଲଗାନ୍ତି । ଠାକୁରଙ୍କ କାମ ସାରି ଦିନ ମଜୁରିଆ ହିସାବରେ ଅନ୍ୟ କାହାର ନ ହେଲେ ସରକାରୀ କାମ (ରାସ୍ତା ନିର୍ମାଣ, ପୋଲ, ପୋଖରୀ ଖୋଳା) କରନ୍ତି । ସନ୍ଧ୍ୟାବେଳକୁ ପୁଣି ଠାକୁରମାନଙ୍କ ପାଖରେ ଧୂପ, ଦୀପ ଦେଇ ଆଳତି କରନ୍ତି । ମନ୍ତ୍ର, ଶ୍ଳୋକ, ଭଜନ କିଛି ଜଣା ନାହିଁ, କେବଳ ଭକ୍ତିରେ ମନକୁ ଯାହା ଆସେ ଗୁଣୁ ଗୁଣୁ ହୋଇ ପୂଜା କରନ୍ତି । ଅନେକ ସମୟରେ ବିଭିନ୍ନ ଗାଆଁ ଗଣ୍ଡା, ଆଖପାଖ ଅଞ୍ଚଳରୁ କେହି କେହି ଏଠାକୁ ଆସନ୍ତି । ଭୋଗ, ଧୂପ, ଦୀପ ଆଣିଥାନ୍ତି ନହେଲେ ନାହିଁ । ସହର ବଜାରରୁ ଭକ୍ତ ଜଗନ୍ନାଥପ୍ରେମୀ ତଥା ଗବେଷଣାକାରୀ ବାବୁମାନେ ଆସନ୍ତି । ସାହାର୍ଯ୍ୟ ସହଯୋଗର ଆଶ୍ୱାସନା ଦିଅନ୍ତି, ମାତ୍ର ଏଠାରୁ ଚାଲିଗଲେ ସବୁ ଭୁଲିଯାଆନ୍ତି ।

ତେନ୍ତୁଳିଖୁଣ୍ଟି ଓ ଏହାର ଆଖପାଖ ଅଞ୍ଚଳ ତଥା ଓଡ଼ିଶାର ଦକ୍ଷିଣ ଓ ପଶ୍ଚିମାଞ୍ଚଳରେ ବସବାସ କରୁଥିବା ଆଦିବାସୀ ଶବରମାନେ 'କିତୁଙ୍ଗ' ନାମକ ଠାକୁରଙ୍କୁ ପୂଜା କରନ୍ତି । 'କିତୁଙ୍ଗ' ସମସ୍ତ ଶବର ଜାତିର ମୂଳ ଦେବତା ଓ ସେ ସମସ୍ତ ଶବର ଗୋଷ୍ଠୀ ସୃଷ୍ଟି କରିଛନ୍ତି ବୋଲି ସୌରମାନେ ବିଶ୍ୱାସ କରନ୍ତି । ଏ ଦେବତାଙ୍କର ମୂର୍ତ୍ତି କାଠରେ ତିଆରି ଏବଂ ଏହା ନାଲି, ଧଳା ଓ ହଳଦିଆ ରଙ୍ଗରେ ଚିତ୍ରିତ ହୋଇଥାଏ । ମୂର୍ତ୍ତି ଉପରେ ଛଣ ତିଆରି ଏକ ଛତା ଟଣା ହୋଇଥାଏ । 'କିତୁଙ୍ଗ'ର ଅର୍ଥ 'ଜଗତର ନାଥ' । କୌଣସି କାରଣ ବଶତଃ କାଠର ଦେବତା ନଷ୍ଟ ହୋଇଗଲେ ପୁନଶ୍ଚ ଚନ୍ଦନ, ଶାଳ ବା ନିମ୍ବ ଦାରୁରେ ଏହା ସ୍ୱତନ୍ତ୍ର ପଦ୍ଧତିରେ ତିଆରି ହୋଇଥାଏ । ନବକଳେବର ସମୟରେ ସ୍ୱତନ୍ତ୍ର ଦାରୁର ଶଙ୍ଖ, ଚକ୍ର, ଗଦା, ପଦ୍ମ ଓ ଅନ୍ୟାନ୍ୟ ଆନୁସଙ୍ଗିକ ଚିହ୍ନପରି ଏହି ଦାରୁ ଚିହ୍ନିତ ହୋଇଥାଏ ଏବଂ ନିର୍ଦ୍ଦିଷ୍ଟ ନୀତିନିୟମରେ ଏହି ମୂର୍ତ୍ତି ଗଠନ ହୋଇଥାଏ । 'କିତୁଙ୍ଗ'ଙ୍କର ଦଶଟି ଅବତାର ଅଛି ଏବଂ ଯେଉଁ ଅବତାରରେ ସେ କାଠ ନିର୍ମିତ ମୂର୍ତ୍ତିରେ ପୂଜା ପାଆନ୍ତି ତାଙ୍କୁ ଶବରମାନେ 'ଜଗନ୍ତ' କୁହନ୍ତି ଯାହା ପରବର୍ତ୍ତୀ ସମୟରେ ଜଗନ୍ନାଥ ହୋଇଛି । ଆଜି ଜଗନ୍ନାଥ ସମସ୍ତ ଜଗତର ନାଥ । ଜାତି, ଧର୍ମ, ବର୍ଣ୍ଣ, ସମ୍ପ୍ରଦାୟ, ନିର୍ବିଶେଷରେ ସେ ସମସ୍ତଙ୍କର ଆରାଧ୍ୟ । ଏବେ ବି ଶ୍ରୀ ମନ୍ଦିରରେ ଶବରଙ୍କ ବଂଶଧର ଦଇତାମାନେ ପ୍ରତିବର୍ଷ ମାସଟିଏ ପୂଜା ଆରାଧନାର ଦାୟିତ୍ୱ ନେଇଥାନ୍ତି । ନବକଳେବର ସମୟରେ ସେମାନଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ।

ବର୍ଷାର ପ୍ରକୋପ ବଢ଼ିବା ସଙ୍ଗେ ସଙ୍ଗେ ସନ୍ଧ୍ୟାର ଅନ୍ଧକାର ମଧ୍ୟ ବଢୁଥାଏ । ତେଲ ନଦୀର ଏଇ ନିର୍ଜନ ଉପତ୍ୟକାରେ ଥିଲୁ

କେବଳ ଆମେ ତିନି ଜଣ । ମୂର୍ତ୍ତି ଗୁଡ଼ିକୁ ଭଲ କରି ନିରୀକ୍ଷଣ କରିବାକୁ ଲାଗିଲି । ଜଗନ୍ନାଥ, ବଳଭଦ୍ରଙ୍କ ପ୍ରସ୍ତର ମୂର୍ତ୍ତି ଦେଖିବାକୁ ସମ୍ପୂର୍ଣ୍ଣ ରୂପେ ଏକାପରି । ତ୍ରୀଲୋଚନ ମୋତେ ଠାକୁରଙ୍କର ବେଶ ପୋଷାକ ଟେକି ଶରୀରରେ ଚକ୍ର ଓ ଲଙ୍ଗଳ ଚିହ୍ନ ଦେଖାଇଲେ । ସୁଭଦ୍ରା ମୂର୍ତ୍ତିରେ ଶକ୍ତି ଚିହ୍ନ ଥିଲା ବୋଲି କହିଲେ । ଗରୁଡ଼ ମୂର୍ତ୍ତିର କେବଳ ମୁଖଟି ଆଶିଂକ ସ୍ପଷ୍ଟ ଥିଲା ବାକି କିଛି ଜଣାପଡୁନଥିଲା । ଅନ୍ୟ କୁଡ଼ିଆରେ ଥିବା ପଦ୍ମେଶ୍ୱର ଶିବଲିଙ୍ଗ ଥିଲେ ପ୍ରକୃତରେ ଉଦ୍ଧାର କରାଯାଇଥିବା ଏକ ବୃହତ ପ୍ରସ୍ଫୁଟିତ ପଦ୍ମଫୁଲ ଥିବା ଚଟାଣର ମଝି ଉଚ୍ଚା ଅଂଶ (କେଶର) । ଅନ୍ୟାନ୍ୟ ମୂର୍ତ୍ତିଗୁଡ଼ିକ ଥିଲା ସମ୍ପୂର୍ଣ୍ଣ ରୂପେ ଅସ୍ପଷ୍ଟ । ନଦୀକୂଳରେ ଥିବା ଅନନ୍ତ ଶୟନ ମୂର୍ତ୍ତି ନଦୀ ପାଣିରେ ବୁଡ଼ି ରହିଥିଲା । ସେଠାକୁ ଯିବା ମଧ୍ୟ ସମ୍ଭବ ନଥିଲା ।

ସନ୍ଧ୍ୟାଆଳତି ଶେଷ ହୋଇଯାଇଥିଲେ ମଧ୍ୟ ମୁଁ ତ୍ରୀଲୋଚନ ଭୋଇଙ୍କୁ ଅନୁରୋଧ କଲି ଆଉଥରେ ଠାକୁରଙ୍କ ପାଖରେ ଆଳତି କରିବା ପାଇଁ । ମୋ ଅନୁରୋଧ ରକ୍ଷାକରି ସେ ଧୂପ, ଦୀପ ଲଗାଇଲେ । କିଛି ମନ୍ତ୍ର (ମୁଁ ଶୁଣିନଥିବା, କୁଇ ଭାଷାରେ କିଛି ବୋଧ ହୁଏ...) ଗୁଣୁ ଗୁଣୁ ହେଲେ । ମାତ୍ର ମୁଁ ଠାକୁରଙ୍କୁ କିପରି ପୂଜା କରିବି ? କେଉଁ ମନ୍ତ୍ର ବା ଭଜନ, ଜଣାଣ ଗାଇବି ? ମୋର ମନେ ପଡ଼ିଲା ପୁରୀ ଶ୍ରୀମନ୍ଦିର ଗର୍ଭଦ୍ୱାର ପ୍ରାତଃକାଳରେ ଖୋଲାବେଳେ ଓ ରାତ୍ର ପହୁଡ଼ ବେଳେ ବୋଲାଯାଉଥିବା ଭକ୍ତ କବି ଜୟଦେବଙ୍କ ଦ୍ୱାରା ରଚିତ ଗୀତଗୋବିନ୍ଦର ସେଇ ଅଂଶ- 'ଶ୍ରୀତ କମଳା କୁଚ ମଣ୍ଡଳ ହେ...' ଆଖି ବନ୍ଦ କରି ସଳଖ ଭାବରେ ବସି ଆମେ ତିନି ହେଁ ପ୍ରାର୍ଥନା କଲୁ । ମୋର ଆବୃତି ଶେଷରେ ଓଳିଗି ହେବାକୁ ଉଦ୍ୟତ ବେଳେ ଦେଖିଲି ମୋ କୋଳରୁ ଏକ ଟଗର ଫୁଲ ତଳେ ଖସି ପଡ଼ିଲା । ଟଗରଫୁଲ କେଉଁଠୁ ଆସିଲା ? ଆଶ୍ଚର୍ଯ୍ୟାନ୍ୱିତ ଅବସ୍ଥାରେ ଆମେ ତିନିହେଁ ଦେଖିଲୁ ବଳଭଦ୍ରଙ୍କ ମସ୍ତକରେ ଟଗରଫୁଲ ଅଛି (ଯାହା ସକାଳେ ତ୍ରୀଲୋଚନ ଦେଇଥିଲେ), ଜଗନ୍ନାଥଙ୍କ ମସ୍ତକରେ ନାହିଁ ? ଏହି ଦିବ୍ୟ ଅନୁଭୂତି ମୋ ଶରୀରରେ ଶିହରଣ ଖେଳାଇଦେଲା । ମୁଁ ଭାବୁଥିଲି ଥରେ ନୁହେଁ ଅନେକ ଥର ଜଗନ୍ନାଥ ରତ୍ନସିଂହାସନରୁ ବିତାଡ଼ିତ ହୋଇଛନ୍ତି, କେତେବେଳେ ଗିରିକନ୍ଦରର ଅନ୍ଧାର ଗୁମ୍ଫା ତ କେତେବେଳେ ଚିଲିକା ବକ୍ଷର ନିର୍ଜନ, ଜନ ମାନବଶୂନ୍ୟ ଅପନ୍ତରା ଦ୍ୱୀପ ସମୂହକୁ । ଅସହାୟ ଅବସ୍ଥାରେ ଚର୍ମ ଦଉଠିରେ ବନ୍ଧା ହୋଇ ଗଙ୍ଗାକୂଳରେ ପୋଡ଼ା ହୋଇଛନ୍ତି । ଆଉ ଆଜି ଏଠାରେ ଏଭଳି ଅସହାୟ, ଦୟନୀୟ ଅବସ୍ଥାରେ,... ।

ଏଠାରେ ମନେ ପଡ଼େ ଚୀନର ଅନ୍ୟତମ ବିଶ୍ୱ ଐତିହ୍ୟସ୍ଥଳୀ ଶାନ୍‌ସି ପ୍ରଦେଶ ଲିନ୍‌ଟଙ୍ଗ୍ ଜିଲ୍ଲାର ମାଉଣ୍ଟ-ଲିରେ ଅବସ୍ଥିତ ଟେରାକୋଟା ସୈନ୍ୟ ଛାଉଣୀ ଆବିଷ୍କାର କଥା । ୧୯୪୭ ମସିହାରେ ଏହି ସ୍ଥାନରେ ଆବିଷ୍କୃତ ହୁଏ ପୋଡ଼ାମାଟି ନିର୍ମିତ ସୈନିକ ଥିବା ଛାଉଣୀ, ଶହେରୁ ଅଧିକ ରଥ, ପାଞ୍ଚଶହରୁ ଅଧିକ ଯୁଦ୍ଧ ଘୋଡ଼ା ଓ ଅନ୍ୟାନ୍ୟ ସାମଗ୍ରୀମାନ ।

ୟାଙ୍ଗ୍‌ଜିଫ୍ (Yang Zhif) ନାମରେ ଜଣେ କୃଷକ ତାଙ୍କ ଜମିରେ ଖୋଳିବା ପାଇଁ ମାଟି ହାଣୁଥିଲେ । ପ୍ରଥମଦିନ ସେ କିଛି ମାଟି ଖୋଳନ୍ତି, ମାତ୍ର ଦ୍ୱିତୀୟଦିନ ତାଙ୍କ କୋଦାଳରେ ଏକ ଟାଣ ଜିନିଷ ଲାଗେ । ତୃତୀୟ ଦିନ ସେ ଅଧିକ ଖୋଳିବାରୁ ଏକ ମୁଣ୍ଡବିହୀନ ପୋଡ଼ାମାଟିରେ ତିଆରି ସୈନିକର ମୂର୍ତ୍ତି ଆବିଷ୍କାର କରନ୍ତି । ସେ ତଥା ଅନ୍ୟ ସାଥିମାନେ ଏହା ଦେଖି ଭୟ ପାଆନ୍ତି । ଅନ୍ୟମାନେ ଏହା ଭୂତ ପିଶାଚ ବା ମନ୍ତ୍ର ତନ୍ତ୍ରର କାମ କୁହନ୍ତି । ମାତ୍ର ପୂର୍ବରୁ ଛଅ ବର୍ଷ ଧରି ସୈନିକରୂପେ କାର୍ଯ୍ୟକରିଥିବାରୁ ସେ ଡରନ୍ତି ନାହିଁ ଏବଂ ଏହା କୌଣସି ପୁରାତନ ସଭ୍ୟତାର ଅଂଶବୋଲି ବିଶ୍ୱାସ କରନ୍ତି । ଅଧିକ ଖୋଳି ସେ ତିନୋଟି ମୂର୍ତ୍ତି ଆବିଷ୍କାର କରନ୍ତି । ପରଦିନ ସେ ସେସବୁକୁ ଲିନ୍‌ଟଙ୍ଗ୍‌ରେ ଥିବା ମ୍ୟୁଜିୟମ୍‌ର ଅଧିକାରୀଙ୍କୁ ଦେଖାଇ ତାଙ୍କ ଆବିଷ୍କାର କଥା କୁହନ୍ତି । ଅଧିକାରୀମାନେ ସଙ୍ଗେ ସଙ୍ଗେ ବିଭିନ୍ନ ପରୀକ୍ଷା ନିରୀକ୍ଷା କରି ତାଙ୍କଠାରୁ ମୂର୍ତ୍ତି ତିନୋଟି ତିରିଶି ୟୁଆନ ଦେଇ କିଣି ନିଅନ୍ତି (ସେତେବେଳେ ତିରିଶି ୟୁଆନ ଜଣେ କୃଷକର ବାର୍ଷିକ ଖର୍ଚ୍ଚ ସହିତ ସମାନ) । ମ୍ୟୁଜିଅମ୍ ଅଧିକାରୀ, ଅନ୍ୟାନ୍ୟ ଐତିହାସିକ, ଗବେଷକମାନେ ମିଶି ଖନନ କାର୍ଯ୍ୟ ଆରମ୍ଭ କରନ୍ତି । ଗୋଟିଏ ପରେ ଗୋଟିଏ ମୂର୍ତ୍ତି, ଘୋଡ଼ା, ରଥ ଆବିଷ୍କାର ହୁଏ । ସେଇ ଜାଗାକୁ ସରକାର ତାଙ୍କୁ ୫୦୦୦ ୟୁଆନ ଦେଇ ତାଙ୍କଠାରୁ କିଣନ୍ତି । ନିକଟବର୍ତ୍ତୀ ଗାଆଁରେ ସେ ଜାଗା କିଣି ଏକ ଅଟ୍ଟାଳିକା ତିଆରି କରନ୍ତି । ଏହାପରେ ଯାହା ହୁଏ ତାହା ସମଗ୍ର ବିଶ୍ୱରେ ହଇଚଇ ଖେଳାଇଦିଏ ।

ଆବିଷ୍କୃତ ମୂର୍ତ୍ତି, ରଥ, ଘୋଡ଼ାମାନ ପ୍ରାୟ ଖ୍ରୀଷ୍ଟପୂର୍ବ ୨୦୯-୨୧୦ ମସିହାରେ ହ୍ୱାନ ବଂଶୀ ରାଜା ସି-ହୁଆନ-ତି ତିଆରି କରିଥିଲେ । ମୃତ୍ୟୁପରେ ତାଙ୍କର ସୈନ୍ୟ ସାମନ୍ତ, ପରାମର୍ଶ ମଣ୍ଡଳୀ ତଥା ଅନୁଚରମାନେ ତାଙ୍କ ସହିତ ରହି ତାଙ୍କୁ ସୁରକ୍ଷା ଦେବେ ବୋଲି ସେ ସସବୁ ତିଆରି କରିଥିଲେ । ନିକଟରେ ତାଙ୍କର କବରଖାନା ତିଆରି କରିଥିଲେ । ମୃତ୍ୟୁପରେ ପ୍ରଜା ମାନେ ତାଙ୍କ ଶରୀରକୁ କବରଖାନାରେ ରଖି ମୂର୍ତ୍ତିମାନଙ୍କୁ ମଧ୍ୟ କବର ଦେଇଥିଲେ । ଏହି ଆବିଷ୍କାର ବିଶ୍ୱ ଐତିହ୍ୟର ମାନ୍ୟତା ପାଏ । ବାର୍ଷିକ ଦଶ ଲକ୍ଷରୁ ଅଧିକ ପର୍ଯ୍ୟଟକ ଏଠାକୁ ଆସିଥାନ୍ତି ଓ ବାର୍ଷିକ

ଆୟ ପାଞ୍ଚ ଶହ କୋଟିରୁ ଅଧିକ । ଚୀନ ସରକାର ୟାଙ୍ଗଙ୍କୁ ଏଠାରେ ପର୍ଯ୍ୟଟକମାନଙ୍କୁ ଆକର୍ଷିତ କରିବା ଲକ୍ଷ୍ୟରେ ହସ୍ତଖତ (Autograph) ପାଇଁ ନିଯୁକ୍ତି ଦିଅନ୍ତି ମାସିକ ତିନିଶୟ ୟୁଆନ ଅର୍ଥରେ । ୟାଙ୍ଗଙ୍କ ସହ ଦର୍ଶକମାନେ ଫଟୋ ଉଠାନ୍ତି । ଏପରିକି ବିଲ୍ କ୍ଲିଣ୍ଟନ ଆମେରିକାର ରାଷ୍ଟ୍ରପତି ଥିଲାବେଳେ ତାଙ୍କ ଚୀନ ଗସ୍ତ ବେଳେ ଏହି ଟେରାକୋଟ୍ଟା ସୈନ୍ୟ ଛାଉଣୀ ଦର୍ଶନକରି ୟାଙ୍ଗ୍‌ଙ୍କର ହସ୍ତଖତ ନେଇଥିଲେ ।

ଅତ୍ୟନ୍ତ କ୍ଷୋଭ, ଦୁଃଖର ବିଷୟ କାହିଁ ୟାଙ୍ଗ୍ ଜିଫ୍‌ଙ୍କ ଆବିଷ୍କାର ଆଉ କାହିଁ ତ୍ରୀଲୋଚନ ଭୋଇଙ୍କ ଆବିଷ୍କାର । କେନ୍ଦ୍ର, ରାଜ୍ୟ ସରକାର କଥା, ଛାଡ଼, ଜିଲ୍ଲା ପ୍ରଶାସନର ମଧ୍ୟ ସାମାନ୍ୟ ଦାୟିତ୍ୱ ନାହିଁ ରକ୍ଷଣା ବେକ୍ଷଣା ପ୍ରତି । ASI (Arehaeological Survey of India) ଓଡ଼ିଶା ଶାଖା କେବଳ ପୁରୀ, ଭୁବନେଶ୍ୱର ମନ୍ଦିର କଥା ଚିନ୍ତାକରେ । ଦେବୋତ୍ତର ବିଭାଗ ପାଖରେ ଏ ଖବର ପହଞ୍ଚିଛି କି ନା ଜଣା ନାହିଁ । ରାଜ୍ୟ ସଂସ୍କୃତି ବିଭାଗ, ପର୍ଯ୍ୟଟନ ବିଭାଗର ସୂଚନାରେ ଏ ବିଷୟ ସ୍ଥାନ ପାଇନାହିଁ । ଓଡ଼ିଶାର ତଥାକଥିତ ଐତିହାସିକ ତଥା ବିଶ୍ୱବିଦ୍ୟାଳୟମାନଙ୍କର ଇତିହାସବିତ୍ ମାନେ ତାଙ୍କର ଗବେଷଣା ମଧ୍ୟ ପୁରୀ, ଭୁବନେଶ୍ୱରରେ ସିମୀତ ରଖନ୍ତି । ଜଗନ୍ନାଥ ପ୍ରେମୀମାନେ ଏ ବିଷୟ ଜାଣନ୍ତି ନାହିଁ ।

ପୁରୁଣାଶାସ୍ତ୍ର ବର୍ଣ୍ଣନା ଅନୁଯାୟୀ ଶବର ରାଜା ବିଶ୍ୱାବସୁ ଏକାନ୍ତରେ ତା'ର ଇଷ୍ଟ ଦେବତା ନୀଳମାଧବଙ୍କୁ ପୂଜା କରୁଥିଲା । ତ୍ରୀଲୋଚନ ଭୋଇ ହେଉଛନ୍ତି ଏ ଯୁଗର ତଥା ବର୍ତ୍ତମାନ ସମୟର ବିଶ୍ୱାବସୁ । ତାଙ୍କୁ ଏ କଥା ପଚାରିବାରୁ ଲୁହ ଛଳ ଛଳ ଆଖିରେ କହିଲେ, "ବିଶ୍ୱାବସୁ... ସେ ତ କୋଉ ଯୁଗର କଥା । ସେ ଦେବତାମାନଙ୍କୁ ନିତ୍ୟ ଦର୍ଶନ କରୁଥିଲେ । ଭୋଗରେ ଅମୃତ ପାଉଥିଲେ । ଜଗନ୍ନାଥ ପୁରୁଷ ପୁରୁଷ ଧରି ତାଙ୍କ ପାଖରେ ବାନ୍ଧି ହୋଇଥିଲେ । ମୁଁ ତ ଛାର ମଣିଷଟିଏ, ପାଠ ଶାଠ ପଢ଼ିନାହିଁ । ବିଶ୍ୱାବସୁ ଚାହୁଁନଥିଲେ ତାଙ୍କ 'ନୀଳମାଧବ' ଜଗନ୍ନାଥ ହୁଅନ୍ତୁ ବୋଲି । ମାତ୍ର ମୁଁ ଚାହେଁ ଏ ଠାକୁର ଜଗନ୍ନାଥ ହୁଅନ୍ତୁ.. ଏଠି ମନ୍ଦିର ତିଆରି ହେଉ... ରାସ୍ତାଘାଟ ହେଉ.. ପୂଜା ଆରାଧନା... ପର୍ବପର୍ବାଣୀ, ରଥଯାତ୍ରା ହେଉ । ସବୁଲୋକ ସରକାର ଭାଗ ନିଅନ୍ତୁ ।"

ବର୍ଷାର ପ୍ରକୋପ ସହିତ ରାତି ମଧ୍ୟ ବଢୁଥାଏ । ଆମକୁ ପୁଣି ଫେରିବାକୁ ହେବ ବଲାଙ୍ଗୀର । ତ୍ରୀଲୋଚନଙ୍କୁ ସବୁ ସହରିବାବୁଙ୍କ ପରି ମୁଁ ମଧ୍ୟ ଆଶ୍ୱାସନା ଦେଇ ଆସିଲି ଯେ ତାଙ୍କୁ ଠାକୁରଙ୍କ ପୂଜାପୂଜି ପାଇଁ ସାହାଯ୍ୟ କରିବାକୁ । ଫେରିବାବେଳେ ନିଛାଟିଆ ରାସ୍ତାରେ ମୂଷଳ ଧାରରେ ବର୍ଷା ହେଲା । ଅତ୍ୟନ୍ତ କଷ୍ଟରେ ଆମେ ବଲାଙ୍ଗୀର ଫେରିଲୁ ।

ତ୍ରୀଲୋଚନଙ୍କୁ ଦେଇଥିବା ଆଶ୍ୱାସନା ମୁଁ ପାଳିଆସୁଛି । ଭବିଷ୍ୟତ କହିବ ଆଗକୁ ମୁଁ ଏହାକୁ ରଖୁଛି ନା ଅନ୍ୟମାନଙ୍କ ପରି..।

ଜୟ ଜଗନ୍ନାଥ

ଶିଶୁ ଶଲ୍ୟ ବିଶେଷଜ୍ଞ, ଶିଶୁ ଭବନ, କଟକ

## ପୂର୍ବ ଜନ୍ମ

ସରୋଜ ବଳ

ମୁଁ ହୁଏତ ପାଲଟିଛି
ଛୋଟ ଏକ ପିତ୍ତଳ ହରିଣ
କାଚ ଆଲମାରୀ ମୋର
ବେକଭାଙ୍ଗି ଠିଆହେବା ଜାଗା
କାହିଁକି ମୁଁ ସ୍ଥିର ହୋଇ
ଉପରକୁ ଚାହିଁଛି ଜାଣେନା
ଅଚଳ ମୋ ଗୋଡ଼ହାତ ଅବିଚଳ ଆଖିପତା ମୋର
ମୁଁ ଚାହିଁଛି ସେଇଆଡ଼େ,
ଯେଉଁଆଡ଼େ ବୁଢ଼ୀଆଣୀ ଜାଲ
ଢାଙ୍କିଦିଏ ଦରଓଦା ରଂଗଛଡ଼ା ଅନ୍ଧାରୁଆ କାନ୍ଥ
ତମ ଦେହ ଯେଉଁପରି
ଢାଙ୍କିଦିଏ ନାର୍ଖାର କାର୍ଖାନା
ସମୟର ଧୂଳିଚରି
ମୁଁ କ୍ରମଶଃ ଦିଶଇ ପ୍ରାଚୀନ
ମୁଁ ହୁଏତ ଥିଲି ମୃଗ, ପୂର୍ବଜନ୍ମ
ତା ପୂର୍ବଜନ୍ମରେ
ଶିଙ୍ଗରେ ମୋ ମାଟି ଖୋଳି
ପୋତିଥିଲି ମଣିଷର ମଂଜି
ରକ୍ତାକ୍ତ ସମୁଦ୍ର
ଏକ ପଛେ ଛାଡ଼ି,
ବହୁ ଜନ୍ମ ପରେ ବଶମ୍ବଦ
ବାସିନ୍ଦା ମୁଁ ବାସନ୍ଦ
ସେ ହରିଣ ଜନ୍ମରୁ
ଏଇ ବୋଧେ ଷ୍ଟାଚ୍ୟୁ ମୋର,
ଏଇ ବୋଧେ ମୋ ଶିଳାଲେଖ
ଶିଂଗ ସିନା ଦିଶଇ ପିତ୍ତଳ,
ହେଲେ ମୋର ଦେହ
ଯେ ଅଂଧାର ।

❒❒❒

## ପାପ

ଡ଼.ଅମିୟ ରଞ୍ଜନ ମହାପାତ୍ର

କିଛି ଭୁଲ ଏତେ ପ୍ରିୟତମ ଯେ
ଅର୍ଜିଥିବା ପାପ ମନା କରିଦିଏ ପ୍ରାୟଶ୍ଚିତ ।
ପାପ ନ କରିବା ଏକ ପୁନର୍ଜନ୍ମ ବୋଧହୁଏ ।
ହେଲେ ପାପ ନ କରି କିଏ ମରେ ଯେ ...
କିଛି ପାପର ଲୋଭ ପଛକୁ ଅନେଇ ସମ୍ରାଟ ପରି ଦିଶନ୍ତି ।
କିଛି ଲୋକ ଆଖି ବୁଜିଦେଇ ସ୍ୱପ୍ନ ପାଲଟିଯା'ନ୍ତି ।
ପାପ ଗୋଟେ ଅଦ୍ଭୁତ ସ୍ୱର୍ଶ ।
ଛୁଇଁଲେ ପକ୍ଷୀର ମୃତ୍ୟୁ
ନ ଛୁଇଁଲେ ଖୋଲିହୁଏନି ପଞ୍ଜୁରିର ଦ୍ୱାର ।
ପୂଜାପାଠ ଓ ପ୍ରାର୍ଥନା
ପର୍ଯ୍ୟଟକଙ୍କ ପରି ସାମୟିକ ଅତିଥି ।
ପାପ ହିଁ ସେଇ ପାଲଟଣା ଜାହାଜ
ଭାସୁଥାଏ ସାରାକାଳ ଦେହର ଦରିଆରେ ।
ପାପର ଇତିହାସ ହିଁ ପାପର ଭବିଷ୍ୟତ ।
ପାପ ପାଇଁ ଟ୍ରେନ ଅଟକେ ନାହିଁ ଷ୍ଟେସନରେ ।
ଟ୍ରେନ୍ ଦଉଡୁଥାଏ ।
ପାପ ଚଢ଼େ, ପାପ ଓହ୍ଲାଏ
ପାପ ବି ଥରେ ଥରେ ଚେନ ଟାଣେ ।
ପାପ ଯଦି ପ୍ରେମିକାର ହସ ପରି ଉଷ୍ମ ଓ ନରମ
ଷ୍ଟେସନ ସେପାଖେ ପୁଣି ଶାଗୁଆ ସିଗନାଲ ଜଳେ ।
ଟ୍ରେନ ଆଗକୁ ଗଡ଼େ
ଅମାବାସ୍ୟାଟେ ଆଲିଙ୍ଗନ ପରି ବଢ଼ାଏ ହାତ ।
କେହି ଜଣେ ବୁଝାଉଥାଏ
ଦେଉଳରେ ସିଂହର ମୂର୍ତ୍ତି ମିଛ, ଈଶ୍ୱରଙ୍କ ମୂର୍ତ୍ତି ସତ ।

କଟକ

❒❒❒

RNI No. : ODIODI/2015/64435 • P.R. No. : CK(C)/96/2022-2024 • www.pracheenews.com

## ନୂତନ ସୂର୍ଯ୍ୟାଲୋକର ଆହ୍ୱାନ

# ପ୍ରାଚୀ

ଉଦୟ ହେବରେ ନୂତନ ସୂର୍ଯ୍ୟ
ଲୋହିତ ହେଲାଣି ପ୍ରାଚୀ
ଏଇ ପ୍ରଭାତରେ ଗାଣ୍ଡୀବ ତୋର
ତୋଳରେ ସବ୍ୟସାଚୀ !
ପରାଧୀନତାର ଯେଉଁ ଅନ୍ଧାର
ଘୋଟିଥିଲା ଆଜିଯାଏ,
ସେହି ଅନ୍ଧାର ବକ୍ଷ ବିଦାରି
ମୁକ୍ତିର - ରାତି ପାହେ ।
ଉଜାଡ଼ି ନଦେଲେ ସ୍ୱାର୍ଥକୁ ତୋର
ସଜାଡ଼ି ହେବନି ଦେଶ,
ନାଚରେ ନାଚ ତାଣ୍ଡବ ଆଜି
ଧରରେ ରୁଦ୍ର ବେଶ ।
ନୂତନ ବିଶ୍ୱ ଭଗୀରଥ ତୁମେ
ଆଣରେ ମନ୍ଦାକିନୀ,
"ଜାଗରେ ନବୀନ ତରୁଣ" ଇଏ -
ପ୍ରାଚୀର ଉଦ୍‌ବୋଧନୀ ।
ଗଣତନ୍ତ୍ରର ଛାତତଳେ ଚାଲେ
ପୁଞ୍ଜିବାଦର ରାଜ୍,
ଭୋକୀ ଜନତାର ସମାଧି ଉପରେ
ଆଧିପତ୍ୟର ତାଜ୍ ।
କାହାର ବିକାଶ ? କାହାର ପ୍ରଗତି ?
କାହାର ଏ ଉତ୍‌ଥାନ ?
କାହାପାଇଁ ଏଇ କଳ-କାରଖାନା
କାପାଇଁ ଉତ୍ପାଦନ ?
ମାଟିର ମଣିଷ ମାଟିରେ ପଡ଼ିଛି
ଉଦରେ ଭରିଛି ଭୋକ,
କାହିଁକି ବାଜିଲା ବୁକୁରେ ପାଷାଣ
କିଏ ଦେଲା ତାକୁ ଶୋକ ?
କୋକିଳ କଣ୍ଠ କୁହୁ ଶୁଭୁନାହିଁ
କୁସୁମରେ ନାହିଁ ବାସ,
ମାୟା-ମରୀଚିକା-ଅଗ୍ନିଗର୍ଭେ
ମଣିଷ ଦେଉଛି ଝାସ ।
ଧର୍ମ ନାମରେ ସାମ୍ପ୍ରଦାୟିକ-
ବାଦ କରେ ଷଡ଼ଯନ୍ତ୍ର,
ମଣିଷ ପଢୁଛି ମଣିଷର ପାଇଁ
ମଣିଷ-ମାରିବା-ମନ୍ତ୍ର ।
କାହିଁକି ଶୁଖିଛି ଧରଣୀର ମୁଖ
ପଚାରେ ଆଜି 'ପ୍ରାଚୀ' ?
ଉତ୍ତର ଦିଅ ଉତ୍ତର ଦିଅ,
ଆଜି ଏ ପ୍ରଶ୍ନବାଚୀ ?
ମତ୍ତବାରଣ - ଚିତ୍ତରେ ଆଜି
ପଟୁଆର ତୋର ସଜା,
ଅତ୍ୟାଚାରୀର ଗଳା କାଟିବାକୁ
ହତିଆର ତୋର ପଜା ।
ତୋ' ଭିତରର କ୍ରାନ୍ତି ଚେତନା
ହେଉ ଆଜି ପ୍ରତିଭାତ,
ଆସୁ ପଛେ ଯେତେ ଝଞ୍ଜା, ତୋଫାନ
ଆସୁ ଯେତେ ପ୍ରତିଘାତ ।
ଜନମ ନେଇଛ ମରିବାକୁ ହେବ
ଦିନେ ଏଇ ଦୁନିଆରେ
ମରିବା ଆଗରୁ ପ୍ରାଚୀର ସ୍ରୋତରେ
ମିଶିଯାଅ ଆସି ଥରେ ।
ଜାଗରେ ସବ୍ୟସାଚୀ !
ନୂଆବିଶ୍ୱର ଅଭିଷେକ ହେବ
ଘୋଷଣା କଲାଣି 'ପ୍ରାଚୀ'

ସମ୍ପାଦକ : ଡଃ. ବିଭୁଦତ୍ତ ଖଣ୍ଡାୟତରାୟ